



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 FEBRUARY 2023
Vol.No. 34 ■ No. 35 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

### ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

## ଅଭିଯୁକ୍ତର ଲେୟାର୍ଡ ଭଏସ ଆନାଲିସିସ୍ ଟେଷ୍ଟ ସମ୍ପନ୍ନ : ମାନସିକ ସ୍ଥିତି ପରୀକ୍ଷା ପାଇଁ ସ୍ୱତନ୍ତ୍ର ମେଡ଼ିକାଲ ବୋର୍ଡ଼ ଗଠନ

### ଅଭିଯୁକ୍ତ ଗୋପାଳକୁ ପଚରା ଉଚରା କଲେ ମନସ୍ତତ୍ତ୍ୱବିତ ଟିମ୍



ଝାରସୁଗୁଡ଼ା, ୫ ଫେବୃଆରୀ (ହି.ସ.)- ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଂଚ । ଅଭିଯୁକ୍ତ ଗୋପାଳ ଦାସକୁ ଦ୍ୱିତୀୟ ଥର ପାଇଁ ୪ ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା ଜାରୀ ରଖିଛି ଟିମ୍ । ଅଭିଯୁକ୍ତ ଗୋପାଳ ସତ କହୁଛି କି ମିଛ କହୁଛି ସେନେଇ ଗତକାଲି ତାର ଲେୟାର୍ଡ ଭଏସ ଆନାଲିସିସ୍ ଟେଷ୍ଟ କରିଛି ଦିଲ୍ଲୀର ସେଂଟ୍ରାଲ ଫରେନସିକ ସାଇନ୍ସ ଲାବୋରେଟାରୀ (ସିଏଫଏସଏଲ) ଟିମ୍ । ସେହିପରି ଅଭିଯୁକ୍ତର ମାନସିକ ସ୍ଥିତି ପରୀକ୍ଷା ପାଇଁ ସ୍ୱତନ୍ତ୍ର ମେଡ଼ିକାଲ ବୋର୍ଡ଼ ଗଠନ ହୋଇଛି । ଏହି ଟିମ୍ ରେ ୫ରୁ ୬ ଜଣ ବଛାବଛା ଡାକ୍ତର ରହିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡର ପ୍ରଥମ ଦିନରେ ଆଜି ଝାରସୁଗୁଡ଼ାରେ ଅଭିଯୁକ୍ତ ଗୋପାଳକୁ ପଚରା ଉଚରା କରିଛନ୍ତି କଟକ ଏସସିବିର ୪ ଜଣିଆ ମନସ୍ତତ୍ତ୍ୱବିତ ଟିମ୍ । ଅନ୍ୟପକ୍ଷରେ ଗୋପାଳ ଯାହାଠାରୁ କାର୍ କିଣିଛି । ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ମଧ୍ୟ ପଚରା ଉଚରା କରିପାରେ କ୍ରାଇମବ୍ରାଂଚ । ସେହିପରି ବ୍ରହ୍ମପୁରରେ ଅଭିଯୁକ୍ତର ଆର୍ଥିକ କାରବାର ନେଇ ତଥ୍ୟ, ପ୍ରମାଣ ଯୋଗାଡ଼ କରୁଛି କ୍ରାଇମବ୍ରାଂଚ । ପୂର୍ବରୁ ୪ ଦିନିଆ ରିମାଣ୍ଡ ସମୟ ମଧ୍ୟରେ କ୍ରାଇମବ୍ରାଂଚ ଅଭିଯୁକ୍ତ ଗୋପାଳ ନିକଟରୁ ଅନେକ ତଥ୍ୟ ହାସଲ କରିଛି । ଜେରା ବେଳେ ଗୋପାଳ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିବା ସ୍ୱୀକାର କରିଥିଲେ ସୁଦ୍ଧା ସେ ବୟାନ ବଦଳାଉଥିବା ଜଣାପଡିଛି । ଅନ୍ୟପକ୍ଷରେ ହତ୍ୟାକାଣ୍ଡର ଉଦ୍ଦେଶ୍ୟ କ'ଣ ଥିଲା, ଏହା ପଛରେ ଆଉ କେହି ରହିଛି କି, ଆଦି ପ୍ରଶ୍ନର ଉତ୍ତର ଖୋଜୁଛି କ୍ରାଇମବ୍ରାଂଚ । ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ତିନୋଟି ଟିମ୍ ମାମଲାର ତଦନ୍ତ କରୁଛନ୍ତି । ତଦନ୍ତର ତଦାରଖ କରୁଛନ୍ତି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଜେ.ପି. ଦାସ । ପୂର୍ବରୁ ଘଟଣାସ୍ଥଳରୁ ଜବତ ଗୁଳି, ଅଭିଯୁକ୍ତ ନିକଟରୁ ଜବତ ୯ ଏମଏମ ପିସ୍ତଲ, ନବ ଦାସଙ୍କ ରକ୍ତ ଭିଜା ଡ୍ରେସ୍, ମେଡ଼ିକାଲ ରିପୋର୍ଟ ଓ ଭିସେରା ରିପୋର୍ଟକୁ ମଧ୍ୟ ଏସଏଫଏସଏଲକୁ ପଠାଯାଇଛି ।

▶▶ପୃଷ୍ଠା ୭

## ଚୀନର ଗୁଇନ୍ଦା ବେଲୁନ ଉପରେ ଆମେରିକାର କାର୍ଯ୍ୟାନୁଷ୍ଠାନ

### ସ୍ପାଏ ବେଲୁନକୁ ମିସାଇଲ ମାଡ କରି ଖସାଇ ଦେଲା ଆମେରିକା



ନୂଆଦିଲ୍ଲୀ,୦୫/୦୨ : ଚୀନର ଗୁଇନ୍ଦା ବେଲୁନ ଉପରେ ଆମେରିକାର କାର୍ଯ୍ୟାନୁଷ୍ଠାନ । ଆକାଶରେ ଉଡୁଥିବା ସ୍ପାଏ ବେଲୁନକୁ ମିସାଇଲ ମାଡ କରି ଖସାଇ ଦେଇଛି ଆମେରିକା । ଏହି ଗୁଇନ୍ଦା ବେଲୁନଟି ଏବେ ଖଣ୍ଡ ଖଣ୍ଡ ହୋଇ ଆଟଲାଂଟିକ ସମୁଦ୍ରରେ ପଡିଛି । ଆମେରିକାର ଏୟାର ଫୋର୍ସ ଏହି ଗୁଇନ୍ଦା ବେଲୁନଟିକୁ ଉଡାଇ ଦେଇଛି । ଯାହାର ଭିଡିଓ ମଧ୍ୟ ଏବେ ସାମ୍ନାକୁ ଆସିଛି । କୁହାଯାଉଥିଲା ଆମେରିକା ଆକାଶରେ ବେଲୁନ ଉଡାଇ ଗୁଇନ୍ଦା ଗିରି କରୁଥିଲା । ଫେବୃଆରୀ ୧ରେ ଆମେରିକାର ପଶ୍ଚିମ ପ୍ରାନ୍ତରେ ଏହି ଗୁଇନ୍ଦା ବେଲୁନ ଉଡୁଥିବା ଦେଖିବାକୁ ମିଳିଥିଲା । ପରେ ଏହାକୁ ନେଇ ପେଂଟାଗନ ଅଫିସରେ ମଧ୍ୟ ଜୋରଦାର ଚର୍ଚ୍ଚା ହୋଇଥିଲା । ତେବେ ଆମେରିକା ଆକାଶରେ ଉଡୁଥିବା ଚୀନର ଏହି ବେଲୁନକୁ ଉଡାଇବାକୁ ଏତେ ସହଜ ନଥିଲା । କାରଣ ଚୀନର ଏହି ବେଲୁନରେ ସେନସର ସହିତ ଅନେକ କିଛି ସକ୍ରିୟ ରହିଥିଲା । ତେଣୁ ହଠାତ୍ ବେଲୁନଟିକୁ ଉଡାଇବାକୁ ଚେଷ୍ଟା କଲେ ବଡ ବିସ୍ଫୋରଣ ହେବାର ସମ୍ଭାବନା ମଧ୍ୟ ଥିଲା । ତେଣୁ ଆମେରିକାର ଏୟାରଫୋର୍ସ ଏଫ-୨୨ ଫାଇଟର ଜେଟ ଲଗାଇ ଉଡାଇ ଦେଇଛି । ଏହି ସ୍ପାଏ ବେଲୁନଟି ୫୮ ହଜାର ଫୁଟ ଉଚ୍ଚରେ ଉଡୁଥିଲା ।

## ପାକିସ୍ତାନ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁଶରଫଙ୍କ ପରଲୋକ



ନୂଆଦିଲ୍ଲୀ,୦୫/୦୨ : ପାକିସ୍ତାନ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁଶରଫଙ୍କ ପରଲୋକ ହୋଇଛି । ପାକିସ୍ତାନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇଛି । ଦୁବାଇର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ପରଲୋକ ହୋଇଛି । ଏହାପୂର୍ବରୁ ମଧ୍ୟ ତାଙ୍କର ମୃତ୍ୟୁ ଖବର ସୋସିଆଲ ମିଡିଆରେ ପ୍ରଚାର ହୋଇଥିବାବେଳେ ଏହାକୁ ଖଣ୍ଡନ କରିଥିଲେ ତାଙ୍କ ପରିବାର ଲୋକେ । ତେବେ ଅନେକ ଦିନ ଧରି ବିଭିନ୍ନ ଶାରୀରିକ ସମସ୍ୟା ଯୋଗୁଁ ଚିକିତ୍ସାଧିନ ଥିଲେ । ବିଶେଷ କରି 'ଅମାଇଲାଇଡୋସିସ' ନାମକ ବିରଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ତାଙ୍କର ପରଲୋକ ହୋଇଥିବା ପାକିସ୍ତାନ ଗଣମାଧ୍ୟମରେ ଖବର ପ୍ରସାର ହୋଇଛି ।

## ୩୦୨୯ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ଛାତ୍ରଛାତ୍ରୀ

କଟକ,୦୫/୦୨: ଚଳିତ ବର୍ଷର ମାର୍ଚ୍ଚ ୧୦ ତାରିଖରୁ ମାଟ୍ରିକ ସମେଟିଭ -୨ ପରୀକ୍ଷା ହେବ । ଏନେଇ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ଜାରି କରାଯାଇଛି । ମାଟ୍ରିକ ପରୀକ୍ଷା ସହ ମଧ୍ୟମା, ଓପନ ସ୍କୁଲ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ । ମିଳିଥିବା ସୂଚନା ଅନୁସାରେ ୧୦ ତାରିଖ ପ୍ରଥମ ଦିନ ଓଡ଼ିଆ , ୧୩ ରେ ଇଂରାଜୀ, ୧୪ ରେ ତୃତୀୟ ଭାଷା. ୧୬ରେ ସାଧାରଣ ବିଜ୍ଞାନ ଓ ୧୮ ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ । ସେହିପରି ୨୦ ତାରିଖ ରେ ଗଣିତ ପରୀକ୍ଷା ହେବ । ଗଣିତ ପରୀକ୍ଷା ଦିନଅତିରିକ୍ତ ୧୫ ମିନିଟି ସମୟ ଦିଆଯିବ ବୋଲି ସୂଚନା ଦିଆଯାଇଛି । ସକାଳ ୮ଟା ରୁ ୧୦ଟା ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ହେବ ବୋଲି ଜଣାଯାଇଛି । ଏହି ପରୀକ୍ଷା ୧୦ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ବର୍ଷିଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୦୫/୦୨ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱକୁ ସୂଚାରୁରୂପେ ପାଳନ କରନ୍ତୁ । ଲୋକତନ୍ତ୍ରରେ ଜନମତକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି । ଦାୟିତ୍ୱ ମିଳିଛି, ଜାଗିର୍ ନୁହେଁ । ଆମେ ଯାହା ଚାହିଁବୁ, ତାହା କରିବୁ । ଯାହାକୁ ଚାହିଁବୁ ସେମିତି ବ୍ୟବହାର କରିବୁ, ଏପରି ହେବା ଅନୁଚିତ୍ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ପ୍ରଭାବଶାଳୀ କ୍ୟାବିନେଟ୍ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟା ହୋଇଛି । ରାଜନୀତିରେ ହିଂସାର ସ୍ଥାନ ନାହିଁ । ମାତ୍ର ଜଣେ କର୍ତ୍ତବ୍ୟରତ ପୋଲିସ ଅଧିକାରୀ ସରକାରୀ ବନ୍ଧୁକରେ ମନ୍ତ୍ରୀଙ୍କୁ ଅତି ନିକଟରୁ ହତ୍ୟା କରିବା ଏବଂ ଘଟଣାର ସପ୍ତାହେ ପରେ ବି ପୋଲିସ ଡିଜି ତଦନ୍ତ ପ୍ରକ୍ରିୟାର ପ୍ରଶ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଭରସା କରିବା କହିବା ରାଜ୍ୟବାସୀଙ୍କୁ ଚକିତ କରିଛି । ଗୃହ ବିଭାଗ ଦାୟତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୀରବତା ଅବଲମ୍ବନ କରିବା ଏବଂ ପୋଲିସ ଡିଜି ମହାପ୍ରଭୁଙ୍କ ନାଁ ନେଇ ହତ୍ୟା ଘଟଣାରୁ ଖସିଯିବା ଭଳି ଉଦ୍ୟମ କରିବା ଦୁର୍ଭାଗ୍ୟଜନକ । ତଦନ୍ତରେ କମିଶନ ଆକ୍ଟରେ ସମ୍ମାନନୀୟ ନ୍ୟାୟଧୀଶଙ୍କୁ ନିଯୁକ୍ତି କରାଯାଇନାହିଁ । ତେବେ ଘଟଣାର ତଦନ୍ତ ପାଇଁ ଦାୟିତ୍ୱ ନେଇଥିବା ଅବସରପ୍ରାପ୍ତ ନ୍ୟାୟଧୀଶଙ୍କ ଅଧିକାର ନେଇ କୌଣସି ସ୍ୱଷ୍ଟତା ନାହିଁ । କ୍ରାଇମବ୍ରାଂଚ ତଦନ୍ତ ବିଶ୍ୱସନୀୟ ନଥିବା ଭଳି ରାଜ୍ୟବାସୀ ଅନୁଭବ କରୁଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାରେ ବାଲି ମାଫିଆଙ୍କୁ ଆକଟ କରିବା ବେଳେ ଉପଜିଲ୍ଲାପାଳ ଏବଂ ତାଙ୍କ ଗାଡି ଚାଳକଙ୍କ ଉପରେ ଆକ୍ରମଣ ହେବା କେଉଁ ପ୍ରକାର ଶାସନ ବ୍ୟବସ୍ଥାର ସୂଚନା ଦେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । କହିଛନ୍ତି, ଉପଜିଲ୍ଲାପାଳଙ୍କୁ ଆକ୍ରମଣ ଘଟଣାଲ' ଏନଫୋର୍ସମେଣ୍ଟ ଏଜେନ୍ସି ତା ମୂଳ କାମରେ ନଥିବା ଭଳି ମନେ ହେଉଛି । କ୍ୟାବିନେଟ୍ ମନ୍ତ୍ରୀ ଓ ଉପଜିଲ୍ଲାପାଳ ପୋଲିସ ଓ ଦୁବୃର୍ତ୍ତଙ୍କ ଶୀକାର ହେଉଛନ୍ତି, ସାଧାରଣ ଲୋକଙ୍କ କଥା ନ କହିଲେ ଭଲ । ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାର ଗତି କୁଆଡେ ? ଶାସକ ଦଳରେ ବସିଥିବା ପ୍ରଭାବଶାଳୀ ଲୋକମାନେ କ'ଣ କରୁଛନ୍ତି ? ଏଠି କୁହାଯାଉଛି ଶାସନ କିଏ ଚଳାଉଛି ? ପ୍ରତିଦିନ ରାଜ୍ୟରେ ଜାରୀ ହେଉଥିବା ନୂଆ ନୂଆ ଭିଡିଓ ରାଜ୍ୟର ଶାସନକର୍ତ୍ତା କିଏ ତାହାର ପ୍ରମାଣ ଦେଉଛି ବୋଲି ସେ କହିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ଓ ପୋଲିସର ନିଷ୍କ୍ରିୟତା ଉପରେ

▶▶ପୃଷ୍ଠା ୭

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ବସ୍ତା ୫।୨(ନିପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସିମୁଳିପାଳ ଗ୍ରାମର ଜଣେ ଯୁବକ ଆଜି ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ସେ ହେଲେ ଏହି ଗ୍ରାମର ଚକ୍ରଧର ଦାସ (୪୪) ।ଆଜି ସେ ଲଙ୍ଗଳେଶ୍ୱର ଅଞ୍ଚଳକୁ ଜନୈକ ବ୍ୟକ୍ତିଙ୍କ ଘରକୁ କାମ କରିବା ପାଇଁ ଯାଇଥିଲେ । ମଝିରେ ସେ ବାହାରକୁ ପରିଶ୍ରା କରିବା ପାଇଁ ଯାଇଥିବା ବେଳେ ସେଠାରେ ୧୧କେଭି ତାର ସହିତ ଲାଗିଥିବା ଏକ ଗଛ ସଂସ୍ପର୍ଶ ରେ ଆସି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ଆଣିଥିଲେ ।ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଟାଟା କମ୍ପାନିର ବିଜୁଳି ବିଭାଗ ଉକ୍ତ ମୃତ ଯୁବକ ପରିବାରକୁ କ୍ଷତି ପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି

## ବଣମଲ୍ଲୀ ସାହିତ୍ୟ ପରିଷଦର ଚତୁର୍ଥ ବାର୍ଷିକ ସମାରୋହ



ରୂପ୍ସା,୫/୦୨ : (ନି.ପ୍ର) ଭଗବାନପୁର ମହାପାତ୍ର ବୈଠକ ଡାକବଙ୍ଗଳା ଠାରେ ବଣମଲ୍ଲୀ ସାହିତ୍ୟ ପରିଷଦର ଚତୁର୍ଥ ବାର୍ଷିକ ସମାରୋହ ସଭାପତି ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କବିତା ପାଠୋତ୍ସବ, ଆଲୋଚନାଚକ୍ର, ସ୍ମରଣିକା ବଣମଲ୍ଲୀର ମହକ ଓ ଶ୍ରୀ ଆଚାର୍ଯ୍ୟଙ୍କର କବିତା ସଂକଳନ 'ଜୀବନ ବଜାର' ପୁସ୍ତକ ଲୋକାର୍ପିତ ହୋଇଥିଲା । ଅନୁଷ୍ଠିତ ଏହି ସଭାରେ ସଭାପତିତ୍ୱ କରିଥିଲେ ଭଗବାନ ଚନ୍ଦ୍ର ମହାପାତ୍ର, ମୁଖ୍ୟଅତିଥି ଭାବେ ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ସଂପାଦିକା ସୈରିନ୍ଧ୍ରୀ ସାହୁ ଓ ଉଦ୍‌ଘାଟିକା ଭାବେ ରେବତୀର ସଂପାଦିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ହରିହର ପାଣିଗ୍ରାହୀ, ବରେଣ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ଭରତ ଚନ୍ଦ୍ର ଦାଶ, ସମ୍ମାନୀତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡା ଓ ସମୟଚକ୍ରର ସଂପାଦକ ସର୍ବେଶ୍ୱର ଜେନା ଯୋଗଦାନ କରି ପ୍ରକୃତ ସାହିତ୍ୟ ସହରରେ ନୁହେଁ ପଲ୍ଲୀରେ ହିଁ ବଂଚିଛି ବୋଲି ମତବ୍ୟକ୍ତ କରିଥିଲେ । 'ଆସ କିଛି ପଢିବା ଓ କିଛି ଶୁଣିବା' କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମଧୁସୂଦନ ମିଶ୍ର ଓ ତାନଶ୍ରୀ ପାଣିଗ୍ରାହୀ । ଏଥିରେ ୬୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଅନୁଷ୍ଠାନର ସଂପାଦକ ହିମାଂଶୁ ଶେଖର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଦିବ୍ୟାଂଶୀ ଜେନା ସ୍ୱାଗତ ସଂଗୀତ ଗାନ କରିଥିଲେ । ତୃପ୍ତି ପଟ୍ଟନାୟକ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

### କଲରାପତରିଆ ବାଘ ଆତଙ୍କ

## ନୂଆପଡାରେ ଗୁରୁତର ଅବସ୍ଥାରେ ଜଣେ ଡାକ୍ତରଖାନାରେ ଭର୍ତ୍ତି



ଭୁବନେଶ୍ୱର,୦୫/୦୨ (ନି.ପ୍ର): ନୂଆପଡାରେ କଲରାପତରିଆ ବାଘ ଆତଙ୍କ । ବାଘ ଆକ୍ରମଣରେ ଜଣେ ଗ୍ରାମବାସୀ ଆହତ । ଗୁରୁତର ଅବସ୍ଥାରେ ତାଙ୍କୁ ସିନାପାଲି ମେଡିକାଲରେ ଭର୍ତି କରାଯାଇଛି । ଆହତ ହେଉଛନ୍ତି ନୂଆପଡା ଜିଲ୍ଲା ସିନାପାଲି ରେଞ୍ଜ ଅନ୍ତର୍ଗତ ହୀରାପୁର ଗାଁର ସେନାପତି ମାଝି । ଜଙ୍ଗଲ ନିକଟ ଚାଷ ଜମିକୁ ସେନାପତି ଯାଇଥିଲା ବେଳେ ବାଘ ହାବୁଡରେ ପଡିଥିଲେ । ବାଘ ଆକ୍ରମଣରେ ସେନାପତିଙ୍କ ଗୋଡ ଓ ହାତରେ ଗଭୀର କ୍ଷତ ହୋଇଛି । ଖବର ପାଇ ସିନାପାଲି ଫରେଷ୍ଟର ଖଗେଶ୍ୱର ମାଝୀ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ସେନାପତିଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତି କରିଛନ୍ତି । ନୂଆପଡା ଜିଲ୍ଲା ସିନାପାଲି ରେଞ୍ଜ ହୀରାପୁର ଅଂଚଳରେ ବାଘ ବୁଲୁଥିବା ଖବର ପାଇବା ପରେ ଲୋକେ ଆତଙ୍କିତ ହୋଇପଡିଛି ।

## ଦଶମ ଓ +୨ ପରୀକ୍ଷା ପାଇଁ କରାଯାଇଛି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା

ଭୁବନେଶ୍ୱର,୦୫/୦୨ (ନି.ପ୍ର): ମାର୍ଚ୍ଚ ୧୦ରେ ମାଟ୍ରିକ ସମ୍ମେଟିଭ ୨ ଏବଂ ମାର୍ଚ୍ଚ ୧ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ହେବ । ଏନେଇ ବୋର୍ଡ ଏବଂ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ପାଇଁ ସମସ୍ତ ଅନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।ଜିଲ୍ଲା ପ୍ରଶାସନର ସହଯୋଗ ନେଇ ପରୀକ୍ଷାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି ।

# ମୋ ବସ୍ ସେବାରୁ ବଂଚିତ ହେଲେ ଲାଠିକଟା ଓ ସାରନଗରୀ ବାସିନ୍ଦା

ରାଉରକେଲା, ୫/୦୨ (ନି.ପ୍ର): ରାଉରକେଲା ସହରରେ ମୋ ବସ ସେବା ଆରମ୍ଭ ହୋଇ ଏହା ବୀରମିତ୍ରପୁର କୁଆଁରମୁଣ୍ଡା ଅଂଚଳଯାଏ ସେବା ଯୋଗାଉଥିବା ବେଳେ ଏହି ସେବା ଏବେ ଧିରେ ଧିରେ ଲୋକଙ୍କୁ ଆକର୍ଷୀତ କରିଛି, ଏତିକି ବେଳେ ରାଉରକେଲା ଉପରେ ସବୁ ଦିଗରୁ ନିର୍ଭରଶିଳ ଲାଠିକଟା ଓ ସାରନଗରୀ ବାସି ଏଥିରୁ ବଂଚିତ ହୋଇଥିବାରୁ ସେ ଅଂଚଳରେ ଏନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି ।

ମୋ ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ହକି ବିଶ୍ୱକପ ସମୟରେ ଉଦଘାଟନ କରିଦେଇଗଲେ, ଏହା ସେ ସମୟରୁ ଧିରେ ଧିରେ ଲୋକ ଲୋଚନରେ ଆଦୃତ ହେବା ସହ ଦଦରା ଭଙ୍ଗା ବସ ସେବା ଓ ମନଇଛା ଭଡାରୁ ଲୋକଙ୍କୁ ମୁକ୍ତି ମିଳିଲା ବୋଲି ଲୋକେ ଆଲୋଚନା କରୁଛନ୍ତି । ଏହି ବସ ସେବା ଏବେ ରାଉରକେଲା ବାସୀଙ୍କ ସମେତ ବୀରମିତ୍ରପୁର ଲୋକଙ୍କୁ ସେବା ଦେଉଛି । ଲୋକେ ମଧ ଏହି ଗାଡିକୁ ଚାହିଁ ରହୁଛନ୍ତି । ଏଥିରେ କିଛି ବସରେ ଏସି ସେବା ରହିଥିବାରୁ ସେହି ବସକୁ ଲୋକେ ଚାହିଁ ରହୁଛନ୍ତି । ଏତିକି ବେଳେ ଲାଠିକଟା, ଯାହା ରାଉରକେଲାରୁ ମାତ୍ର ୨୫ କି.ମି., ତା ଭିତରେ ତରକେରା, ଦେଓଗାଁ, ଦକ୍ଷିଣ ରାଉରକେଲା ଲାଗି ରଂଗିଲା ଛକ, କଲଦା, କାଟିନି ଆଦି ଲକ୍ଷାଧିକ ଅଂଚଳ ବାସୀ ରହିଛନ୍ତି । ଏହା ଭିତରେ ଆରଏମସିର ୨ଟି ୱାର୍ଡର କିଛି ଲୋକ ମଧ ରହିଛନ୍ତି । ଏହି ଅଂଚଳ ବାସୀ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଆଦି ପ୍ରମୁଖ କାର୍ଯ୍ୟରେ ରାଉରକେଲା ଉପରେ ନିର୍ଭର କରନ୍ତି । ରାଉରକେଲାରେ କଲେଜ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତମାନର ବିଦ୍ୟାଳୟ ମାନ ରହିଛି, ସରକାରୀ ଡାକ୍ତରଖାନା ବେସରକାରୀ ଡାକ୍ତରଖାନା, ଏନଆଇଟି ସମସ୍ତ ସରକାରୀ ଅଫିସ ମଧ ରହିଛି । ଏସବୁ ଲାଗି ଏହି ଅଂଚଳବାସୀ ଅଟୋ କିମ୍ୱା ଭଙ୍ଗା ଦଦରା ଟାଉନ ବସ ଉପରେ ନିର୍ଭର କରିଥାନ୍ତି । ଭଡ଼ା କଥା ନକହିବା ଭଲ । ଏଥିଲାଗି ଛାତ୍ରଛାତ୍ରୀ ମାନେ ପ୍ରତିଦିନ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି, ସଂଧ୍ୟା ହେଲେ ରାଉରକେଲା ଆସିଥିବା ସେହି ଅଂଚଳ ବାସୀ ଅଟୋ ଉପରେ ନିର୍ଭର କରିଥାନ୍ତି, ଯାହା ଚଢା ଦର ଓ ଠେଲା ପେଲା ହେଲେ ବି ଅପକ୍ଷା କରି ସେମାନଙ୍କୁ ଫେରିବାକୁ ପଡିଥାଏ । ଏହାକୁ ନେଇ ଏବେ ଏହି ଅଂଚଳରେ ନିଜ ଲୋକ ପ୍ରତିନିଧି ମାନଙ୍କ ପାରିବା ପଣିଆକୁ ନେଇ ନାନା ଆଲୋଚନା ଚାଲିଛି । ଲୋକେ କହୁଛନ୍ତି ସାରଦା ବାବୁ ଏତେ ସବୁ କରିଦେଉଛନ୍ତି ହେଲେ ଆମ ବାବୁ କାମକୁ ନୁହେଁ । ତେଣୁ ଏ ଅଂଚଳବାସୀଙ୍କ ଲାଗି ପ୍ରାଥମିକ ସ୍ତରରେ ଅନ୍ତତଃ ପ୍ରତିଦିନ ସକାଳେ ପିଲାଙ୍କ ସ୍କୁଲ ଓ ଚାକିରିଆଙ୍କ ଅଫିସ ସମୟ ଓ ଆସିବା ଜିବା ସମୟରେ ଏହି ମୋ ବସ ସେବା ଯୋଗାଇ ଦେବା ଲାଗି ଦାବି ହେଉଛି ।

# ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଉଦ୍‌ଯାପନୀ ଦିବସ

ପୁରୀ, ୫/୦୨ (ନି.ପ୍ର): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଶ୍ରୀ ସଦାଶିବ ପରିସର ଦ୍ୱାରା ପୁରୀ ପୌରସଦନ ଠାରେ ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଉଦ୍ୟାପନୀ ଦିବସରେ ଏକଲବ୍ୟ ପରିସର, ଅଗରତାଲାର ବିର୍ଦ୍ୟାଥୀମାନଙ୍କ ଦ୍ୱାରା ବିଖ୍ୟାତ ବିଜୟମ୍ ଏବଂ ଶ୍ରୀ ସଦାଶିବ ପରିସର, ପୁରୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ରିଷ୍ଣକୁତୁହଳମ୍ ରୂପକ ମଂଚସ୍ଥ ହୋଇଥିଲା । ତତ୍ପରେ ପ୍ରଦୀପ ପ୍ରଜ୍ୱଳନ ସଙ୍ଗେ ଶ୍ରୀ ଜଗନ୍ନାଥ ଆଦର୍ଶ ବେଦ ବିଦ୍ୟାଳୟର ଶିଷ୍ୟମାନଙ୍କଦ୍ୱାରା ବେଦଗାନ କରାଯାଇ ଉଦ୍ୟାପନୀ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ଏବଂ ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ର । ମୁଖ୍ୟ ଅତିଥି ରୂପେ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଡକ୍ଟର ସନ୍ଧ୍ୟା ପୁରେଚା ଏବଂ ସମ୍ମାନିତ ଅତିଥିରୂପେ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରଣାସୀର ପ୍ରାକ୍ତନ କୁଳପତି ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର ଯୋଗଦେଇଥିଲେ । ଏହି ସଭାର ସଭାପତିତ୍ୱ କରିଥିଲେ , କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟକ ପ୍ରଫେସର ଶ୍ରୀନିବାସ ବରଖେଡ଼ି । ତ୍ରିଦିବସ ବ୍ୟାପି ଅନୁଷ୍ଠିତ ହୋଇଥିବା ମହୋତ୍ସବରେ ୧୨ଗୋଟି ରୂପକ ମଂଚସ୍ଥ ହୋଇଥିଲା । ପରିଶେଷରେ ବିଚାରକ ମଣ୍ଡଳୀମାନଙ୍କ ଦ୍ୱାରା ଶ୍ରୀ ସଦାଶିବ ପରିସର, ପୁରୀ ପ୍ରଥମ ସ୍ଥାନ, ଜୟପୁର ପରିସର, ରାଜସ୍ଥାନ ଏବଂ ଗୁରୁବାୟୁରୁ ପରିସର, କେରଳ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ଓ ବେଦବ୍ୟାସ ପରିସର, ହିମାଚଳ ପ୍ରଦେଶ ଏବଂ ରାଜୀବ ଗାନ୍ଧୀ ପରିସର, କର୍ଣ୍ଣାଟକ ଯଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

ଏହି ରୂପକ ମହୋତ୍ସବରେ, ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ.ସେନାପତି, ପ୍ରଫେସର ବନମାଳି ବିଶ୍ୱାଳଙ୍କ ସମେତ ବିଚାରକମଣ୍ଡଳୀଙ୍କ ସହ ବହୁ ମାନ୍ୟଗଣ୍ୟ ବିଦ୍ୱାନଗଣ ଏବଂ ସଦାଶିବ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟାୟୀମାନେ ଉପସ୍ଥିତ ଥିଲେ । ପରିଶେଷରେ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା, ଏବଂ ଏହି ଉତ୍ସବକୁ ଡକ୍ଟର ମଧୁକେଶ୍ୱର ଭଟ୍ଟ ଏବଂ ଡକ୍ଟର ଧର୍ମେନ୍ଦ୍ର କୁମାର ସିଂଦେଓ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମର ସହ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା ।

# ପାତ୍ରପୁଟରେ ଅବକାରୀ ଚଢାଉ

ଜୟପୁର, ୫/୦୨ (ନି.ପ୍ର): ଦେଶୀ ମଦ ପ୍ରସ୍ତୁତ କରୁଥିବା ସୁଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରେ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୫୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି ।

# କେନ୍ଦ୍ରାପଡା ହେବ ସୁକନ୍ୟା ସମୃଦ୍ଧି ଜିଲ୍ଲା-ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୫/୦୨ (ନି.ପ୍ର): କେନ୍ଦ୍ରାପଡା ଡାକ ମଣ୍ଡଳ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କେନ୍ଦ୍ରାପଡା ମୁଖ୍ୟ ଡାକଘର ପରିସରରେ ଜିଲ୍ଲା ସ୍ତରୀୟ ସୁକନ୍ୟା ସମୃଦ୍ଧି ମେଳା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଅମୃତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ଏକ ବର୍ଷରୁ ୧୦ ବର୍ଷ ବୟସ ମଧରେ ଜିଲ୍ଲାରେ ଥିବା ସମସ୍ତ କନ୍ୟା ସନ୍ତାନ ମାନଙ୍କ ଭବିଷ୍ୟତ ସୁରକ୍ଷା, ପାଠପଢା ଓ ବିବାହ ଆଦି ସମସ୍ୟାର ସମାଧାନ ପାଇଁ ଏହି ଯୋଜନା ଅଧିକ ଉପାଦେୟ ହେବ ବୋଲି ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ଡାକ ମଣ୍ଡଳ ଅଧିକ୍ଷକ ଦେବରାଜ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶଙ୍କର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଡାକ ଅଧିକ୍ଷକ ପରମେଶ୍ୱର ନାୟକ ଅତିଥି ପରିଚୟ ଦେବା ସହ ମଂଚ ପରିଚାଳନା କରିଥିଲେ । ଡାକ ଅଧିକ୍ଷକ ଶ୍ରୀ ନାୟକ ଏହି ଯୋଜନାର ସୁଫଳ ଓ କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିବା ସହ ଜିଲ୍ଲାରେ ଥିବା ୧ ଲକ୍ଷ ୧ ହଜାର କନ୍ୟା ସନ୍ତାନଙ୍କୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଏହି ସୁକନ୍ୟା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଜିଲ୍ଲାକୁ ସୁକନ୍ୟା ସମୃଦ୍ଧି ଜିଲ୍ଲା ଭାବେ ଘୋଷଣା କରାଯିବାକୁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦେଇଥିଲେ । ବର୍ତମାନ ସୁଦ୍ଧା ଜିଲ୍ଲାରେ ୭୦ ହଜାର ସୁକନ୍ୟା ଯୋଜନା ଆକାଉଣ୍ଟ ଖୋଲାଯାଇ ଥିବାବେଳେ ଜିଲ୍ଲାର ୨୮୭ଟି ପୋଷ୍ଟ ଅଫିସରେ ଆଜି ଗୋଟିଏ ଦିନରେ ୧୫ହଜାର ଆକାଉଣ୍ଟ ଖୋଲାଯାଇ ଥିବା ଓ ଅବଶିଷ୍ଟ ମାର୍ଚ୍ଚ ମାସ ମଧରେ ପୁରଣ କରାଯିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ୨୮ ଜଣ ଆକାଉଣ୍ଟ ଧାରୀଙ୍କୁ ପାସବୁକ ପ୍ରଦାନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧରେ ଡିପିସି (ମମତା) ମନୋରଞ୍ଜନ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଡାକ ନିରୀକ୍ଷକ ଗୌରୀଶ କୁମାର ଜେନା, ଆଦିତ୍ୟ କୁମାର ଜେନା ଓ ବହୁ ଅଙ୍ଗନବାଡି କର୍ମୀ ଓ ମୁଖ୍ୟ ଡାକଘର ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ ପାଳିତ

କେନ୍ଦ୍ରାପଡ଼ା, ୫/୦୨ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖରେ ବିଶ୍ୱ କ୍ୟାନସର ବା କର୍କଟ ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ୮୦ଲକ୍ଷରୁ ଅଧିକ ଲୋକ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଜନ ସଚେତନତା ସୃଷ୍ଟି ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିବସକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡଃ. ସଚ୍ଚିଦାନନ୍ଦ ମିଶ୍ର ମତବ୍ୟକ୍ତ କରିଥିଲେ । ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଡଃ. ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡଃ. ମିର୍ଜା ବାବର ବେଗ, ଡଃ. ଶ୍ରୀକାନ୍ତ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆର ସିଂହ ଯୋଗ ଦେଇଥିଲେ । ଡଃ. ମିର୍ଜା ବାବର ବେଗ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିବା ବେଳେ ବିଶେଷଜ୍ଞ ଡଃ ସ୍ୱାଇଁ କର୍କଟ ରୋଗର କାରଣ ଓ ପ୍ରତିରୋଧ ପାଇଁ ଆବଶ୍ୟକ ସଚେତନତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କେନ୍ଦ୍ରାପଡାରେ ସାଢେ ୩ବର୍ଷ ହେଲା ଚିକିତ୍ସିତ କର୍କଟ ରୋଗୀଙ୍କୁ କେମୋଥେରାପି ପ୍ରଦାନ କରାଯାଉଥିବା କଥା ସେ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଚିକିତ୍ସାଳୟରେ ସପ୍ତାହକୁ ପ୍ରାୟ ୧୦ରୁ୧୨ ଜଣଙ୍କୁ କେମୋଥେରାପି ପ୍ରଦାନ କରାଯାଉଛି । ଏଥିପାଇଁ କଟକ, ଭୁବନେଶ୍ୱର ଯିବାକୁ ପଡୁନାହିଁ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ବର୍ତମାନ ସୁଦ୍ଧା ୧୮୮ଜଣ କର୍କଟ ରୋଗୀଙ୍କୁ କେମୋଥେରାପି ପ୍ରଦାନ କରାଗଲାଣି । ସର୍ଭେକ୍ଷଣରୁ ଦର୍ଶାଯାଉଛି ଯେ ଭାରତବର୍ଷରେ ପ୍ରତି ୧୦ଜଣରେ ଜଣେ କର୍କଟ ରୋଗରେ ଆକ୍ରାନ୍ତ ହେବାର ଲକ୍ଷଣ ପ୍ରକାଶ ପାଉଛି । ଏହାର ପ୍ରମୁଖ କାରଣ ହେଲା ଶାରୀରିକ ବ୍ୟାୟାମର ଅଭାବ, ଧୂମପାନ, ନିଶା ସେବନ, ତମାଖୁ ସେବନ, ଯୌନ ସଂକ୍ରମଣ ଓ ଭୂତାଣୁ ଜନିତା ଆଜି ଦିବସର ବାର୍ତାଥିଲା "କ୍ଲୋଜ୍ ଦ କେୟାର ଗ୍ୟାପ" ଅର୍ଥାତ୍ କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ସେବା ମଧରେ ବ୍ୟବଧାନ ହ୍ରାସ କରିବା । ଆମ ସମାଜରେ ବହୁଳଭାବେ ଦେଖା ଯାଉଥିବା ସ୍ତନ କର୍କଟ, ମୁଖଗହ୍ୱର ଓ ଗର୍ଭାଶୟ ରୋଗର ପ୍ରାଥମିକ ପର୍ଯ୍ୟାୟରେ ରୋଗ ନିରୁପଣ ହୋଇପାରିଲେ ଏହାକୁ ଆମେ ପ୍ରତିରୋଧ କରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ନିୟମିତ ବ୍ୟାୟାମ କରି ସୁସ୍ଥ ଜୀବନ ଶୈଳୀ ଆପଣାଇବା, କମ୍ ତୈଳ ଓ ମସଲା ଯୁକ୍ତ, ପୁଷ୍ଟିସାର ଓ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା, ତମାଖୁ ଓ ନିଶା ସେବନ ଠାରୁ ଦୂରେଇ ରହିବା, ଅପ୍ରାପ୍ତ ବୟସରେ କିଟାଣୁ, ଯୌନ ସଂପର୍କ ଓ ଗର୍ଭଧାରଣ ନ କରିବା ଯୌନ ସଂକ୍ରମଣ ହେଲେ ବିଶେଷଜ୍ଞ ଡାକ୍ତରଙ୍କ ପରାର୍ମଶ ନେବା ଓ କର୍କଟ ରୋଗର ଭୟାବହତା ପ୍ରତି ସଚେତନ ହେଲେ କର୍କଟ ରୋଗକୁ ପ୍ରତିରୋଧ କରିହେବ । ପ୍ରାରମ୍ଭରେ ଜିଲ୍ଲା ଚିକିତ୍ସାଳୟର ମହାମାରୀ ବିଶେଷଜ୍ଞ ଶୁକାନ୍ତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବୈଠକରେ ଡଃ କେୟାର ସେ ରର କଳ୍ପନା ମିଶ୍ର, ଏଏନ୍ଏମ୍ ଟ୍ୟୁଟର ଅନିତା ପାତ୍ର, ମାନସିକ ସ୍ୱାସ୍ଥ ସରକାରୀ ପରିଚାଳକ ସେମାପୁସ୍ପା ମିଶ୍ର, ସ୍ୱାସ୍ଥ୍ୟ ସମିତିର କର୍ମଚାରୀ ଓ ନର୍ସିଂ ସ୍କୁଲର ଛାତ୍ରୀ ମାନେ ଯୋଗଦେଇ ଥିଲେ । ଅଣସଂକ୍ରାମ ରୋଗ ସରକାରୀ ପରିଚାଳକ ଶ୍ୟାମସୁନ୍ଦର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ଶିଶୁ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ କର୍ମଶାଳା




ଭୁବନେଶ୍ୱର: ଭୁବନେଶ୍ୱରର ଇମେଜ ହଲ୍ ଠାରେ ରେଲୱେ ଚିଲଡ୍ରେନ୍ ଇଣ୍ଡିଆ (ଆରସିଆଇ)ର ସହଭାଗିତାରେ ହମାରା ବଚପନ ଟ୍ରଷ୍ଟ ଦ୍ୱାରା ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ଓଡ଼ିଶାରେ ଶିଶୁ ସୁରକ୍ଷାକୁ ଶକ୍ତିଶାଳୀ କରିବା ଦିଗରେ ଯୋଜନା ଏବଂ ବିକାଶ ପାଇଁ ଆଲୋଚନା କରାଯାଇଥିଲା । ଏଥିରେ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

ଏହି ଉତ୍ସବରେ ଓଏସସିପିସିଆର ଅଧକ୍ଷା ମନ୍ଦାକିନୀ କର, ରାଜ୍ୟ ଶ୍ରମ କମିସନର ଡକ୍ଟର ଏନ ତିରୁମାଲା ନାୟକ ଏବଂ ଟ୍ୱିନ୍ ସିଟି ପୁଲିସ୍ କମିସନର ସେ ?ମେନ୍ଦ୍ର ପ୍ରିୟଦର୍ଶୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସିଡିପିଓ, ସିଡବ୍ଲ୍ୟୁସି ସଦସ୍ୟ, ଗଞ୍ଜାମ, ଭଦ୍ରକ, କେନ୍ଦୁଝର, ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ଜେଜେବି ସଦସ୍ୟ, ଇନ୍ସପେକ୍ଟର (ଆରପିଏଫ, ଭୁବନେଶ୍ୱର), ସିନିୟର ଟ୍ରାଫିକ ମ୍ୟାନେଜର (ସୁରକ୍ଷା) ପୂର୍ବତଟ ରେଳବାଇ, ନାଗରିକ ସମାଜ ସଂଗଠନ ଏବଂ ସମ୍ପ୍ରଦାୟର ପ୍ରତିନିଧିଙ୍କ ସମେତ ୬୧ଜଣ ରାଜ୍ୟ ତଥା ଜିଲ୍ଲାସ୍ତରର ହିତାଧିକାରୀ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଶିଶୁ ସୁରକ୍ଷା ପ୍ରଣାଳୀକୁ ମଜଭୁତ କରିବା ଏବଂ ଏଥିପାଇଁ କାର୍ଯ୍ୟ ଯୋଜନାର ଏକ ସମନ୍ୱୟ ଯୋଜନା ପ୍ରସ୍ତୁତ କରିବା । ହମାରା ବଚପନ ଟ୍ରଷ୍ଟର ପ୍ରତିଷ୍ଠାତା ଅଧକ୍ଷା ଧରିତ୍ରୀ ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହାପରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରେଲୱେ ଚିଲଡ୍ରେନ୍ ଇଣ୍ଡିଆର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଜନ୍ ବସ୍କ ଏବଂ ପ୍ରୋଜେକ୍ଟ ମ୍ୟାନେଜର ରୀନାରାଣୀ ବେହେରା, ଶିଶୁ ସ୍ଥାନାନ୍ତରର ପରିବର୍ତ୍ତନ ଧାରା ବିଶେଷ କରି ବାଳିକା ଶିଶୁ ଏବଂ ସେମାନଙ୍କ ସହ ଜଡ଼ିତ ବିପଦ ଉପରେ ଆଲୋଚନା କରିଥିଲେ ।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହୋଇଛି ୯୬୦ଟି ରାସ୍ତା ନିର୍ମାଣ



ଭୁବନେଶ୍ୱର , ୫/୦୨ (ନି.ପ୍ର): ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗମନାଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ବର୍ତମାନସୁଦ୍ଧା ରାଜ୍ୟରେ ୯୬୦ଟି ରାସ୍ତା ନିର୍ମାଣ କରାଯାଇଛି । ୩୭୪୧.୮୯ କି.ମି ଦୈର୍ଘ୍ୟବିଶିଷ୍ଟ ଏହି ରାସ୍ତାଗୁଡ଼ିକ ଦ୍ୱାରା ୧୧୭୨ଟି ଗ୍ରାମକୁ ନିକଟବର୍ତ୍ତୀ ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇଛି । ଏହା ଗ୍ରାମାଞ୍ଚଳର ଦୌନନ୍ଦିନ ଜୀବନରେ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇଛି । ଗ୍ରାମାଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶ ହେବା ସହିତ କୃଷିଜନିତ ଆୟ ବୃଦ୍ଧି ଓ ଦାରିଦ୍ର୍ୟକୁ ହ୍ରାସକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୧୫/୧୬ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି । ଏହି ଯୋଜନା ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ଏହାଦ୍ୱାରା ସ୍ଥାନୀୟ ଲୋକ ନିକଟସ୍ଥ ସହରରେ ନିଜର ଉତ୍ପାଦନର ଉପଯୁକ୍ତ ବଜାର ସୁବିଧା ପାଇପାରୁଛନ୍ତି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନକ୍ସଲ ଦମନ ପାଇଁ ପୁଲିସ କମ୍ବିଂ ଅପରେସନ୍ ପାଇଁ ଲାଭଜନକ ହୋଇପାରିଛି । ଏହି ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିଛି । ଏହିସବୁ ଅଞ୍ଚଳକୁ ଯିବା ପାଇଁ ମଧ ଏହା ସିଆରପିଏଫ୍ ଆରକ୍ଷୀ ବାହିନୀଙ୍କ ପାଇଁ ସୁବିଧାଜନକ ହୋଇପାରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଜିଲ୍ଲାବାସୀଙ୍କ ଆବେଗକୁ ଶୋଷଣ କରାନଯାଉ : ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା

କେନ୍ଦ୍ରାପଡ଼ା, ୫/୦୨ (ନି.ପ୍ର): ବାଧତଃ କୃଷି ସର୍ବସ୍ୱ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଶିଳ୍ପଯୁକ୍ତ ହେବା ପାଇଁ ଅର୍ଦ୍ଧଶତାବ୍ଦୀ ଧରି ଅପେକ୍ଷା କରି ଆସିଛନ୍ତି । ବିଗତ ନିର୍ବାଚନ ପୂର୍ବରୁ ଅଲେଇଲୋ ଷ୍ଟିଲ ପ୍ଲାଣ୍ଟ ବା ପସ୍ଥା ପାୱାର ପ୍ଲାଣ୍ଟର ପ୍ରତିଶୃତି ଓ ପରେ ଜୀବିକା ମରୀଚିକାରେ ପରିଣତ ହେବା ପରେ ମଧ ଆସନ୍ତା ନିର୍ବାଚନ ପୂର୍ବରୁ 'ମିତଲ - ନିପ୍ପନ୍' ଷ୍ଟିଲ ପ୍ଲାଣ୍ଟକୁ ସ୍ୱାଗତ କରୁଛନ୍ତି ମହାକାଳପଡ଼ା ତଥା କେନ୍ଦ୍ରାପଡ଼ା ଜିଲ୍ଲାବାସୀ । ଏହି ପରିପ୍ରେକ୍ଷୀରେ ଆଜି ଶିଳ୍ପବିଭାଗ ପ୍ରମୁଖ ଶାସନ ସଚିବଙ୍କ ନେତୃତ୍ୱରେ ଉଚ୍ଚ କ୍ଷମତା ସମ୍ପନ୍ନ ଟିମ୍‌ର ପ୍ରାକ ନିର୍ବାଚନୀ କେନ୍ଦ୍ରାପଡ଼ା ଗସ୍ତକୁ ସକାରାତ୍ମକ ଭାବେ ବିଚାର କରୁଥିଲେ ବି ଅନେକ ପ୍ରସଙ୍ଗ ନଜରକୁ ଆସୁଛି । ରାଜ୍ୟ ଜି.ଡି.ପି ସୂଚକାଙ୍କରେ ନିମ୍ନରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ଭିତିଭୂମି ସହିତ ନିବିଡ ଭାବେ ପରିଚିତ ଥିବା ଦୁଇ ଦୁଇ ଥର ଜିଲ୍ଲପାଳ ଥିବା ଏବେକାର ପ୍ରମୁଖ ଶିଳ୍ପ ସଚିବ ରାଜ୍ୟ ଶିଳ୍ପାୟନରେ ଦେଶ ଭିତରୁ ଓ ବାହାରୁ ନିବେଶକ ଯୋଗାଡ଼ କରିବାର ସାମର୍ଥ୍ୟ ରଖୁଥିବା ବେଳେ, ଜିଲ୍ଲା ରାଜନୀତିର ପରିତ୍ୟକ୍ତ ଜନ ପ୍ରତିନିଧି ମାନଙ୍କ ଆଗରେ ଭରଷା ଜନ୍ମାଇବା ପାଇଁ ଛିଡାହେବା ଏକ ନୂଆ ପ୍ରସଙ୍ଗକୁ ଇଂଗିତ କରୁଛି । ଲକ୍ଷ ଲକ୍ଷ ସଂଖ୍ୟାରେ ଦେଶ ଓ ବିଦେଶର ବିଭିନ୍ନ ପ୍ରାନ୍ତରରେ ଦାଦନ ଖଟୁଥିବା କେନ୍ଦ୍ରାପଡ଼ା ଜିଲ୍ଲାଶୂନ୍ୟ ଶିଳ୍ପ, ଶୂନ୍ୟ ସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ, ଶୂନ୍ୟ ସୁପର ସ୍ପେସିଆଲିଟି ହସ୍ପିଟାଲ, ଶୂନ୍ୟ କୃଷି ଶିକ୍ଷା ଅନୁଷ୍ଠାନ, ଶୂନ୍ୟ ଶୀତଳ ଭଣ୍ଡାର ଏବଂ ଶୂନ୍ୟ ଶିକ୍ଷକ ଟ୍ରେନିଂ ଅନୁଷ୍ଠାନ ସମେତ ବହୁ ଶୂନ୍ୟ ସ୍ଥିତିର ଜିଲ୍ଲା । ଅତଏବ ଶିଳ୍ପ କରିଡୋର ଏବଂ ଶିଳ୍ପାୟନର ଡି.ପି.ଆର ପ୍ରସ୍ତୁତି ସମୟରେ ନିମ୍ନ ସ୍ତରରେ ଶତ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଗ୍ୟାରେଣ୍ଟି ସହିତ ପୂର୍ଣ୍ଣ ପରିବେଶ ଅନୁକୂଳ ଆଧୁନିକ ପ୍ରଯୁକ୍ତି ସମ୍ପନ୍ନ ପରିବେଶ ଅନୁକୂଳ ଶକ୍ତି ଚାଳିତ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉ । ଜିଲ୍ଲାବାସୀଙ୍କ ଆବେଗକୁ ଶୋଷଣ ନକରି ପ୍ରକୃତି, ପରିବେଶ, ଶିଳ୍ପର ସ୍ଥାନ ଓ ଆକାରକୁ ବିଚାରକୁ ନେଇ (ଇ.ଆଇ.ଏ)ଏନଭାରମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଆଧାରରେ କୌଣସିବି ସମ୍ଭାବ୍ୟ ଶିଳ୍ପର ଭିତିଭୂମି ଓ ଡି.ପି.ଆର ପ୍ରସ୍ତୁତି କରାଯାଉ ।

# ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲାରେ ୫ ବର୍ଷ କାରାଦଣ୍ଡାଦେଶ

ସମ୍ବଲପୁର, ୫/୦୨ (ନି.ପ୍ର): ହୀରାକୁଦ ଥାନା ଅଞ୍ଚଳରେ ୨୦୧୬ ମସିହାରେ ଜଣେ ଦୁର୍ବୃତ୍ତ ୫ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିଥିଲା । ଏହି ମାମଲାରେ ଅଭିଯୁକ୍ତ ସନ୍ତୋଷ ପାତ୍ରକୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ସୂଚନାନୁଯାୟୀ, ୫ ବର୍ଷର ଶିଶୁକନ୍ୟା ତାଙ୍କ ପଡିଶା ଘରକୁ ଖେଳିବା ପାଇଁ ଯାଇଥିଲା । ଅଭିଯୁକ୍ତ ଶିଶୁକନ୍ୟାଙ୍କୁ ଏକା ପାଇ ଘର ଭିତରକୁ ନେଇଯାଇଥିଲା ଏବଂ ସେଠାରେ ଦୁଷ୍କର୍ମ କରିଥିଲା । ସେ କାନ୍ଦିବାରୁ ତାଙ୍କୁ ୩୦ ଟଙ୍କା ଦେଇ କାହାକୁ କିଛି ନ କହିବାକୁ କହିଥିଲା । ତେବେ ଶିଶୁକନ୍ୟା ଘରକୁ ଫେରିବା ପରେ ୩୦ ଟଙ୍କା କେଉଁଠାରୁ ଆଣିଲୁ ବୋଲି ତାଙ୍କ ମା' ପଚାରିଥିଲେ । ତାପରେ ଶିଶୁକନ୍ୟା ଜଣକ ଦୁଷ୍କର୍ମ ବିଷୟରେ କହିଥିଲେ । ଏହା ଜାଣିବା ପରେ ଶିଶୁକନ୍ୟାଙ୍କ ମା' ଓ ବାପା ହୀରାକୁଦ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ସନ୍ତୋଷ ପାତ୍ରକୁ ଗିରଫ କରିଥିଲା । ଏହି ମାମଲାରେ ରାୟ ଶନିବାର ପ୍ରକାଶ ପାଇଛି । ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ପୋକ୍ସୋ କୋର୍ଟ ବିଶ୍ୱରଞ୍ଜନ ବେହେରା ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ । ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦୟ ହେଲେ ଆଉ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ ।

# ଆଇନସେବା ପ୍ରାଧିକରଣ ତରଫରୁ ଅନାଥ ପିଲାଙ୍କୁ ଥଇଥାନ

କେନ୍ଦ୍ରାପଡ଼ା, ୫/୦୨ (ନି.ପ୍ର): ରାଜନଗର ବ୍ଲକ ଅନ୍ତର୍ଗତ ପୋଖରିଆପଡା ଗ୍ରାମର ୪ ବାପା ଛେଉଣ୍ଡ ପିଲାଙ୍କୁ ଥଇଥାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ ବିଶ୍ୱଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ଶ୍ରୀମତୀ ସୁମିତ୍ରା ସାହୁ ରାଜନଗର ସ୍ଥିତ ପୋଖରିଆପଡା ଗ୍ରାମର ସ୍ୱର୍ଗତ ବିଶ୍ୱମ୍ଭର ବାରିକଙ୍କ ଘରକୁ ଯାଇ ସେଠାରେ ଦୟନୀୟ ଅବସ୍ଥାରେ ରହୁଥିବା ଏହି ୪ ଅନାଥ ଶିଶୁଙ୍କ ଅବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ଏହି ପିଲାମାନଙ୍କ ବାପା ମୃତ୍ୟୁବରଣ କରିବା ପରେ ମା ଏମାନଙ୍କୁ ଛାଡି କୁଆଡେ ପଳାଇଛନ୍ତି । ଏକ ଭଙ୍ଗା କୁଡିଆ ଘରେ ରହୁଥିବା ଏହି ଶିଶୁ ମାନଙ୍କର ଖାଦ୍ୟପେୟ, ବାସସ୍ଥାନ, ପାଠପଢା, ମେଡିକାଲ ସୁବିଧା ଇତ୍ୟାଦି ସଂପର୍କରେ ପିଲା ମାନଙ୍କୁ ପଚାରି ବୁଝିବା ସହିତ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରି ଏହି ଶିଶୁ ମାନଙ୍କର ସମସ୍ତ ବ୍ୟବସ୍ଥା କରିଥିଲେ । ତତ୍ ସହିତ ପିଲା ମାନଙ୍କର ସମସ୍ତ ମୌଳିକ ସୁବିଧା କିପରି ସୁଚାରୁ ରୂପେ ପାଇପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ପିଲା ମାନଙ୍କର ଜେଜେଙ୍କର ବାର୍ଦ୍ଧକ୍ୟ ଭତା ଓ ରାସନ କାର୍ଡର ମଧ ସୁବିଧା କରିଥିଲେ । ଏହି କାର୍ଯ୍ୟକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ, ସଭ୍ୟା ଓ ଶିଶୁ ସୁରକ୍ଷାର କର୍ମଚାରୀଙ୍କ ସମେତ ଆଇନ ସେବା ପ୍ରାଧିକରଣର କର୍ମଚାରୀ ଶ୍ରକାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି


# ସୁସ୍ଥ ରହିବାକୁ ଚାହୁଁଥିଲେ...




ଏକ ଉତ୍ତମ ତଥା ସୁସ୍ଥ ଜୀବନଶୈଳୀ ନିମନ୍ତେ ଖାଦ୍ୟପାନୀୟ ସହିତ ଅନ୍ୟ କେତେକ ଦିଗ ପ୍ରତି ମଧ୍ୟ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ପ୍ରଥମେ ଘରେ ବ୍ୟାୟାମ, ପ୍ରାଣାୟମ, ଯୋଗ ଅଭ୍ୟାସ କରନ୍ତୁ । ଜିମ୍ ଯିବାକୁ ବେଳ ନଥିଲେ ବ୍ୟତିବ୍ୟସ୍ତ ନ ହୋଇ ଦିନଚର୍ଯ୍ୟା ଆରମ୍ଭ କରନ୍ତୁ ।



ଆଲିକାଲି ୟୁ-ଟ୍ୟୁବ୍ ସହାୟତାରେ ଘରେ ରହି ମଧ୍ୟ ଏରୋବିକ୍ସ କରିପାରିବେ । ଓଜନ ନିୟନ୍ତ୍ରଣ ସହ ମେଦ ବୃଦ୍ଧି ନ ହେବା ନିମନ୍ତେ ଏହା ଏକ ଉତ୍ତମ ମାଧ୍ୟମ ଅଟେ ।

ଘର କାମ ନିଜେ କରନ୍ତୁ ଯେପରି ଓଳାଇବା, ପୋଛିବା, ସଫାସଫି କରିବା ଇତ୍ୟାଦି । ଏସବୁ ମଧ୍ୟ ଏକପ୍ରକାରର ବ୍ୟାୟାମ ଅଟେ । ପୂର୍ବେ ଲୋକେ ନିଜେ ଏସବୁ କାମ କରି ସୁସ୍ଥ ରହିବା ସହ ସେମାନଙ୍କର ଓଜନ ମଧ୍ୟ ବଢୁନଥିଲା । ଏବେ କିନ୍ତୁ ସବୁ କାମକୁ ଯନ୍ତ୍ର ଅଥବା ସେବାକାରୀ ସହାୟତାରେ କରି ଶରୀରକୁ ଆରାମ ଦେବା ସହ ଲୋକ ଅନ୍ୟନାନ୍ୟ ରୋଗକୁ ମଧ୍ୟ ନିମନ୍ତ୍ରଣ ଜଣାଉଛନ୍ତି ।

ସମୟ ଥିଲେ, ଘର ଆଖପାଖ ସ୍ଥାନରେ ପ୍ରତ୍ୟହ ସାଇକଲ ଚଳାଇବାର ଅଭ୍ୟାସ କରନ୍ତୁ । ବିଶେଷଜ୍ଞଙ୍କ ମତରେ ଶରୀର ପାଇଁ ଏହା ଏକ ଉତ୍କୃଷ୍ଟ ବ୍ୟାୟାମ । ନିୟମିତ ସକାଳ-ସନ୍ଧ୍ୟାରେ ୧୫-୨୦ ମିନିଟ ସାଇକେଲ ଚଳାନ୍ତୁ, ଫୂର୍ତ୍ତି ଲାଗିବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ କରିବାକୁ କଷ୍ଟ ଲାଗେ, କିନ୍ତୁ ଦନି କେଇଟାର ଅଭ୍ୟାସ ପରେ ଏହା ମଧ୍ୟ ସୁନ୍ଦର ତଥା ସୁଠାମ ଶରୀର ଗଢ଼ିବାରେ ସହାୟକ ହୋଇଥାଏ ।

## ନୂଆ ଟ୍ରେଣ୍ଡ ଚକୋଲେଟ୍ ୱାକ୍ସ

ହାତ ଏବଂ ଗୋଡ଼ରୁ ରୁମ ସଫା କରିବା ପାଇଁ ୱାକ୍ସ କରିବାକୁ ଅନେକେ ପସନ୍ଦ କରୁଥିବା ବେଳେ ଏବେ ଏହି ଧାରାରେ ଆଗରେ ରହିଛି ଚକୋଲେଟ୍ ୱ୍କ୍ସ । ଯଦିଓ ନର୍ମାଲ୍ ୱାକ୍ସ ଠାରୁ ଏହା କରିବା ବ୍ୟୟ ସାପେକ୍ଷ, ତଥାପି ଏହାର ପ୍ରଭାବ ବେଶ୍ ଭଲ ରହୁଥିବାରୁ ଲୋକଙ୍କ ମଧ୍ୟରେ ଏଥିପ୍ରତି ରୁଚି ବଢ଼ିବାରେ ଲାଗିଛି ।
ଚକୋଲେଟ୍ ୱାକ୍ସରେ ଥିବା କୋକୋ କାରଣରୁ ତ୍ୱଚା ଅଧିକ ଚିକ୍କଣ ହୋଇଥାଏ । ଏଥିସହ ଶରୀରରେ ଥିବା ଡେଡ୍ ସବୁ ବାହାରି ଯାଇଥାଏ । ଚକୋଲେଟ୍ ୱାକ୍ସ ପରେ ସ୍କିନ୍ ଆହୁରି ସଫା ଏବଂ କୋମଳ ହୋଇଥାଏ । ସାଧାରଣତଃ ନର୍ମାଲ୍ ୱାକ୍ସ କରିବାର ଦିନେ ଦୁଇଦିନ ପରେ ପୁଣିଥରେ ଶରୀରରେ ହାଲ୍କା ରୁମ ଉଠିବା ଦେଖିବାକୁ ମିଳିଥାଏ । ମାତ୍ର ଏହି କ୍ଷେତ୍ରରେ ରୁମ ଦୀର୍ଘଦୀନ ପର୍ଯ୍ୟନ୍ତ ଉଠି ନଥାଏ । ତେଣୁ ଏବେ ବ୍ୟୟ ସାପେକ୍ଷ ସତ୍ତ୍ୱେ ଅନେକେ ଏଭଳି ୱାକ୍ସ ପ୍ରତି ଆଗ୍ରହ ଦେଖାଉଛନ୍ତି ।



## ଅଧିକ ପ୍ରୋଟିନ ସେବନ ନେଇଯିବ ଜୀବନ




ମଣିଷ ଶରୀରର ବିକାଶ ପାଇଁ ବିଭିନ୍ନ ପ୍ରକାରର ଭିଟାମିନ, ମିନେରାଲ, କ୍ୟାଲସିୟମ ଓ ପ୍ରୋଟିନର ଆବଶ୍ୟକତା ପଡ଼ିଥାଏ । ତେବେ ଆଜିକାଲିର ଯୁବପୀଢ଼ି ବିଶେଷ କରି ଜିମ ଯାଉଥିବା ବ୍ୟକ୍ତିମାନେ ନିଜର ସ୍ୱାସ୍ଥ୍ୟକୁ ବଳିଷ୍ଠ କରିବା ପାଇଁ ହାଇ ପ୍ରୋଟିନଯୁକ୍ତ ଖାଦ୍ୟ ସେବନ କରିଥାନ୍ତି । ତେବେ ଅତ୍ୟଧିକ ପ୍ରୋଟିନର ସେବନ ଆଜି ମଣିଷକୁ ବିପଦ ଆଡ଼କୁ ଟାଣି ନେଉଛି । ଏଥିପାଇଁ ଜଣେ ଅଷ୍ଟିଓପୋରୋସିସ ଭଳି ରୋଗରେ ସଂକ୍ରମିତ ହେବାର ଆଶଙ୍କା ଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି । ବିଶେଷଜ୍ଞଙ୍କ ମତରେ, ଅନେକ ଲୋକ ନିଜ ଶରୀରର ପୋଷକ ତତ୍ତ୍ୱ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆନିମଲ ପ୍ରୋଟିନ ସେବନ କରିଥାନ୍ତି । ତେବେ ଏହି ପ୍ରୋଟିନ ଦ୍ୱାରା ଆମର ହାଡ଼ ଡ୍ୟାମେଜ ହେବାର ସମ୍ଭାବନା ରହିଥାଏ । ଶରୀର ପାଇଁ ଯେତିକି ପ୍ରୋଟିନ ଆବଶ୍ୟକ ସେତିକି ସେବନ କରିବା ଠିକ୍ ଅଛି । ମାତ୍ରାଧିକ ସେବନ କରିବା ଦ୍ୱାରା ଏହାର ପ୍ରଭାବ ଆମର ଶରୀର ଉପରେ ପଡ଼ିଥାଏ । ସାଧାରଣ ଭାବେ କହିବାକୁ ଗଲେ ମାଛ, ଚିକେଟ, ରେଡ ମିଟରୁ ହାଇ ପ୍ରୋଟିନ ମିଳିଥାଏ । ଲାଲ ମିଟ ଆମ ଶରୀର ପାଇଁ ବହୁତ କ୍ଷତିକର ଅଟେ । ଆମେ ଖାଉଥିବା ମାଂସରେ ଫସଫରସର ମାତ୍ରା ଅଧିକ ରହିଥିବା ବେଳେ ତାହା ହାଡ଼ ପାଇଁ ବହୁତ କ୍ଷତିକାରକ ହୋଇଥାଏ । ଆନିମଲ ପ୍ରୋଟିନ ରକ୍ତକୁ ଏସିଡିକ କରିଦେବା ସହ ହାଡ଼ରୁ କ୍ୟାଲସିୟମରୁ ବାହାର କରିଦେଇଥାଏ । ମାଂସ ଖାଉଥିବା ଲୋକଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ ଓ ହାଡ଼ ଭାଙ୍ଗିବା ସମ୍ଭାବନା ଅଧିକ ରହିଥାଏ ।

## ମଲାଇକା ଅରୋରାଙ୍କ ଫିଟ୍‌ନେସ୍ ମନ୍ତ୍ର





➢ସକାଳ ଜଳଖିଆ ଖାଇବା ପୂର୍ବରୁ ସେ ଫଳରସ କିମ୍ବା ପରିବା ରସ ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି । ମଲାଇକାଙ୍କ ମତରେ ଏହା ତାଙ୍କ ଶରୀରକୁ ଖୁବ୍ ଶକ୍ତି ଯୋଗାଇଥାଏ ।

➢ଯୋଗ, ପ୍ରାଣାୟମ କରିବା ପରେ ସେ ଏଭାକାଡୋ ଫଳ ସହ ବ୍ରେଡ୍ ଟୋଷ୍ଟ ଖାଇଥାନ୍ତି । ଦ୍ୱିପହର ଓ ରାତ୍ରିଭୋଜନରେ ସେ ସିଝା ପରିବା ସହ ୨ଟି ରୁଟି ଖାଆନ୍ତି । ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସେ ଏ ପ୍ରକାର ଖାଦ୍ୟ ଖାଉଥିବାର କହିଛନ୍ତି । ମାସକୁ ଥରୁଟିଏ ରେଷ୍ଟୋରାଁରେ ନିଜ ମନପସନ୍ଦର ଖାଦ୍ୟ ନିଶ୍ଚୟ ଖାଇଥାନ୍ତି ମଲାଇକା ।

➢ମିଠା ଓ ଚିନି ଆଦୌ ଖାଉନଥିବା ମଲାଇକା ମହୁ, ଗୁଡ଼ ନିଜ ବ୍ୟଞ୍ଜନରେ ସାମିଲ କରିବାକୁ ଗୁରୁତ୍ୱ ଦିଅନ୍ତି । ଏହା ସହ ପ୍ରତି ୩ଦିନରେ ଘିଅ ପ୍ରସ୍ତୁତ ପରଟା ସେ ଖାଆନ୍ତି । ଏହା ମଧ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ ବୋଲି ମଲାଇକାଙ୍କ ମତ ।

➢ସୌନ୍ଦର୍ଯ୍ୟ ପାଇଁ ସବୁଠୁ ଜରୁରୀ ହେଲା ୮ ଘଣ୍ଟା ଗଭୀର ନିଦ ଓ ମାନସିକ ଚାପରୁ ମୁକ୍ତି । ସେ କୌଣସି ଦାମୀ ପ୍ରସାଧନ ଲଗାଇବାକୁ ପସନ୍ଦ କରୁନଥିବାବେଳେ ବାହାରକୁ ଗଲାବେଳେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି । ମାନସିକ ଚାପରେ ରହୁଥିବା ଯୁବତୀ ଓ ମହିଳାଙ୍କ କେଶ ଖୁବ୍ ଝଡ଼ିବା ସହ ତ୍ୱଚାରେ ଭାଙ୍ଗ ପଡ଼ିଥାଏ । ଏଣୁ ଏସବୁ ଠାରୁ ଦୂରେଇ ରହିବାକୁ ମଲାଇକା ପରାମର୍ଶ ଦେଇଛନ୍ତି ।

## ପନିର ତାୱା ମସଲା



**ସାମଗ୍ରୀ:**
ପନିର-୩୦୦ଗ୍ରାମ, ଦହି-୧/୨ କପ୍, ଜିରା-୧/୩ ଚାମଚ, କସୁରୀ ମେଥି-୧/୪ ଚାମଚ, କଟା ପିଆଜ-୨, ଚୂନାଚୂନା କଟା ରସୁଣ-୨ଚାମଚ, ଚୂନାଚୂନା କଟା ଅଦା-୧ଇଞ୍ଚ, କଞ୍ଚା ଲଙ୍କା ପେଷ୍ଟ-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଲଙ୍କାଗୁଣ୍ଡ-୧/୪ ଚାମଚ, ଧନିଆ ଗୁଣ୍ଡ- ୧ ଚାମଚ, ଗରମ ମସଲା ଗୁଣ୍ଡ-୧/୨ ଚାମଚ, ଟମାଟୋ ପ୍ୟୁରି-୧/୨ କପ୍, କ୍ରିମ୍ -୧ ଚାମଚ, ଲେମ୍ବୁ ରସ-୨ ଚାମଚ, ତେଲ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତ ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ଦହି, ସାମାନ୍ୟ ହଳଦୀ ଗୁଣ୍ଡ, କଞ୍ଚାଲଙ୍କାପେଷ୍ଟ, ଅଳ୍ପ ଲଙ୍କାଗୁଣ୍ଡ ଏବହ ଅଳ୍ପ କସୁରୀ ମେଥି ପକାଇ ଭଲଭାବେ ଗୋଳାନ୍ତୁ । ଏବେ ସେଥିରେ ପନିର ଟୁକୁଡ଼ା ପକାଇ ୧୫-୨୦ ମିନିଟ ପାଇଁ ମ୍ୟାରିନେଟ୍ ହେବାକୁ ଛାଡ଼ିଦିଅନ୍ତୁ । ଏଥର ପ୍ୟାନରେ ତେଲ ଗରମ କରି ସେଥିରେ ପନିର ଟୁକୁଡ଼ାକୁ ହାଲକାଫ୍ରାଏ କରନ୍ତୁ । ଫ୍ରାଏ ହେବା ପରେ ପନିରକୁ ଅଲଗା ପାତ୍ରରେ କାଢ଼ି ରଖିଦିଅନ୍ତୁ । ଏବେ ଆଉ ଟିକିଏ ତେଲ ଦେଇ ଜିରା, ପିଆଜ, ଅଦା ଏବଂ ରସୁଣ ପକାଇ ଭାଜନ୍ତୁ । ପିଆଜ ସାମାନ୍ୟ ଲାଲ ହୋଇ ଆସିଲେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କସ୍ତୁରୀ ମେଥି ଏବଂ ଟମାଟୋ ପ୍ୟୁରୀ ପକାଇ କିଛି ସମୟ କଷନ୍ତୁ । ମସଲା ଭଲଭାବେ କଷି ହୋଇଗଲେ ସେଥିରେ ପନିର ଟୁକୁଡ଼ା ପକାଇ ଅଧ କପ ପାଣି ଢ଼ାଳି ୧୦ମିନିଟ ଫୁଟିବାକୁ ଛାଡ଼ନ୍ତୁ । ୧୦ମିନିଟ ପରେ ଗରମ ମସଲା, ତାଜା କ୍ରିମ ଏବଂ ଲେମ୍ବୁ ରସ ପକାଇ ପ୍ଲେଟକୁ କାଢ଼ି ଗରମ ଗରମ ରୁଟି ସହ ପରଷନ୍ତୁ ପନିର ତାୱା ମସଲା ।

## ମିଠା ଖାଇବା ପରେ ପାଣି ପିଇବା ଭୟଙ୍କର: ପେଟରେ ବିଷକ୍ରିୟା ସୃଷ୍ଟି ହେବ, ବ୍ଲଡ ଶୁଗର ସ୍ତର ବୃଦ୍ଧି ପାଇବ-ରିସର୍ଚ୍ଚ



ଆମେ ଦୈନନ୍ଦିନ ଜୀବନରେ ଖାଦ୍ୟପେୟକୁ ନେଇ ଏପରି ଅନେକ ଭୁଲ୍ କରିଥାଉ । ମାତ୍ର ଏହି ଭୁଲର ପରିଣାମ ଯେ କେତେ ଭୟଙ୍କର ହୋଇଥାଏ, ତାହା ଆମକୁ ଜଣାନଥାଏ । କିଛି ଲୋକ ମିଠା ଖାଇବା ପରେ ଢକଢକ କରି ପାଣି ପିଇ ଯାଇଥାନ୍ତି । ତେବେ ଏହା ଏକ ଖରାପ ଅଭ୍ୟାସ । ଏହା ଶରୀରରେ ବିଷକ୍ରିୟା ସୃଷ୍ଟି କରିଥାଏ । ନିକଟରେ ଆମେରିକାର ସୁରୀନାମର ବୈଜ୍ଞାନିକମାନେ ଏ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପର୍ଦ୍ଦାଫାଶ କରିଛନ୍ତି । ପାଣି ସହିତ ମିଠା ଓ ବିନା ପାଣିରେ ମିଠା ଖାଉଥିବା ଲୋକଙ୍କ ବ୍ଲଡ ଶୁଗର ସ୍ତରକୁ ବିଶ୍ଳେଷଣ କରାଯାଇଥିଲା । ତେବେ ଯେଉଁ ଲୋକମାନେ ପାଣି ସହିତ ମିଠା ଖାଇଥିଲେ ସେମାନଙ୍କର ବ୍ଲଡ ଶୁଗର ସ୍ତର ଅଧିକ ରହିଥିଲା । ଏକ ରିସର୍ଚ୍ଚ ମୁତାବକ, ଆପଣ ଯେତେ ଅଧିକ ପାଣି ପିଇଥାନ୍ତି, ସେହି ଅନୁପାତରେ କମ୍ ଶୁଗର ଓ ସାଚୁରେଟେଡ ଫ୍ୟାଟରେ ଭରପୁର ଖାଦ୍ୟ ପଦାର୍ଥ ଖାଇଥାନ୍ତି । ମାତ୍ର ଏବେ ନୂଆ ରିପୋର୍ଟ ମୁତାବକ, ଖାଇବା ପରେ ପାଣି ପିଇବା ଦ୍ୱାରା ବ୍ଲଡ ଶୁଗର ଲେବଲ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇପାରେ । ଏଣ୍ଟୋନ ଡି କମ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ରିସର୍ଚ୍ଚରେ କେବଳ ମିଠାକୁ ସାମିଲ କରାଯାଇଥିଲା । ମାତ୍ର ଅନ୍ୟ ଖାଦ୍ୟ ପଦାର୍ଥ ଉପରେ ମଧ୍ୟ ଏହା ଲାଗୁ ହେବ ବୋଲି କୁହାଯାଇଛି । ଏଥିରେ ୩୫ ଜଣ ଲୋକଙ୍କ ରକ୍ତ ଶର୍କରାର ସ୍ତରକୁ ପରୀକ୍ଷା କରାଯାଇଥିଲା । ତେବେ ମିଠା ଖାଇବା ପରେ ପାଣି ପିଇଥିବା ଲୋକଙ୍କ ରକ୍ତରେ ଗ୍ଲୁକୋଜ ସ୍ତର ଅନ୍ୟ ଲୋକଙ୍କ ତୁଳନାରେ ଦୁଇଗୁଣ ଅଧିକ ଥିବା ଜଣାପଡ଼ିଥିଲା । ମିଠାରେ ରହିଥିବା ଗ୍ଲୁକୋଜ ପେଟ ଦ୍ୱାରା ଖାଲି ହେବା ପାଇଁ ଲାଗୁଥିବା ସମୟକୁ ଧୀମା କରିଦେଇଥାଏ । ଫଳରେ ତରଳ ପଦାର୍ଥ ଅନ୍ତ ପର୍ଯ୍ୟନ୍ତ ପହଞ୍ଚି ପାରିନଥାଏ । ତେଣୁ ଆପଣଙ୍କୁ ଶୋଷ ଲାଗିଥାଏ । ଯଦି ଆପଣ ପାଣି ପିଅନ୍ତି ତେବେ ଶୋଷ ମେଣ୍ଟି ନଥାଏ ।

## ସୁଖ୍ୟାତି ପାଇଁ ପୁରସ୍କୃତ ଗ୍ରାମ



ଛତିଶଗଡ଼ର ଯଶପୁର ଜିଲାର ଏକ ଛୋଟ ଗ୍ରାମ ହେଉଛି କନମୋରା । କିଛି ବର୍ଷ ତଳେ ପୂରା ରାଜ୍ୟରେ ଏହି ଗ୍ରାମ ନିଜ କୁଖ୍ୟାତି ପାଇଁ ଜଣାଯାଉଥିଲା । ଗ୍ରାମର ପ୍ରତ୍ୟେକ ବୟସର ପୁରୁଷ ନିଶାଗ୍ରସ୍ତ ରହି ବିଭିନ୍ନ ଅପରାଧକାଣ୍ଡମାନ କରୁଥିଲେ । ଏଇ କାରଣରୁ ନିୟମିତ ପୁଲିସ୍ ମଧ୍ୟ ଗାଁକୁ ଆସୁଥିଲା । ଏଭଳି ଦୃଶ୍ୟପଟ ୭ ବର୍ଷ ତଳେ ଥିଲା । ଏବେ କିନ୍ତୁ କନମୋରା ଗ୍ରାମ ନିଜ ସୁଖ୍ୟାତି ନିମନ୍ତେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଗ୍ରାମର ପ୍ରତ୍ୟେକ ଆରମ୍ଭ କରିଥିଲେ ସେଠାରେ ମହିଳାମାନେ । ଆରମ୍ଭ ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜ ଆନ୍ଦୋଳନରୁ ପଛଘୁଞ୍ଚା ଦେଇନଥିଲେ । ଗାଁର ଜନୈକ ମହିଳା ହେଉଛନ୍ତି ୬୪ ବର୍ଷୀୟା ନିରୁ ଲାକ୍ରା । ସ୍ୱାମୀ ତାଙ୍କର ଏଇ ନିଶା ସେବନ କରି ଅକାଳରେ ପ୍ରାଣ ହରାଇଥିଲେ । ଦୁଇ ପୁଅ ମଧ୍ୟ ଯୁବକବେଳୁ ପିଇବା ଆରମ୍ଭ କଲେ । ବୋହୂ ଦୁହେଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ମିଳିନଥିଲା । ଶେଷରେ ମହିଳାଙ୍କ ଏହି ଅଭିଯାନରେ ସେମାନେ ସାମିଲ ହୋଇ ନିଜ ଘରୁ ନିଶାଦ୍ରବ୍ୟ ଫିଙ୍ଗିବା ସହ ନିଶାଦ୍ରବ୍ୟ ପ୍ରସ୍ତୁତି ସରଞ୍ଜାମକୁ ମଧ୍ୟ ଜାଳିପୋଡ଼ି ଦେଲେ । କିଛି ଦିନ ଏହି ଆନ୍ଦୋଳନ ଚାଲିଲା । ଶେଷରେ ଗାଁର ପୁରୁଷମାନେ ବୁଝିପାରିଥିଲେ ସେମାନଙ୍କ ସୁସ୍ୱାସ୍ଥ୍ୟ ପାଇଁ ହିଁ ଏଭଳି ପଦକ୍ଷେପ ନିଆଯାଉଛି । ଆଜିର ସମୟରେ ଗାଁର କୌଣସି ପୁରୁଷ ନିଶା ଦ୍ରବ୍ୟକୁ ସ୍ପର୍ଶ ମଧ୍ୟ କରୁନାହାନ୍ତି । ଏପରିକି ଗତ ୭ ବର୍ଷ ମଧ୍ୟରେ ଗାଁରେ କିମ୍ବା ପାଖ ଗ୍ରାମରେ କୌଣସି ଚୋରୀ, ଡକାୟତି ମଧ୍ୟ ହୋଇନାହିଁ, ତେଣୁ ପୁଲିସ ଆସିବାର ଆବଶ୍ୟକତା ପଡ଼ିନାହିଁ ।

## ସୂର୍ଯ୍ୟଙ୍କ ଅଧ୍ୟୟନ କରିବ ଭାରତ: ଜୁନ୍ ମାସରେ ସୂର୍ଯ୍ୟ ମିଶନ୍



ଖୁବଶୀଘ୍ର ଭାରତ ମିଶନ୍ ସୂର୍ଯ୍ୟ ଲଞ୍ଚ କରିବାକୁ ଯାଉଛି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଜ୍ୟୋତିର୍ବିଜ୍ଞାନ (IIA ) ଗୁରୁବାର 'ଭିଜିବଲ୍ ଏମିସନ୍ ଲାଇନ୍ କରୋନାଗ୍ରାଫ୍' (VELC) କୁ ଇସ୍ରୋ'କୁ ହସ୍ତାନ୍ତର କରିଛି । ଯାହା ସୂର୍ଯ୍ୟ ଅଧ୍ୟୟନ ପାଇଁ ଦେଶର ପ୍ରଥମ ବୈଜ୍ଞାନିକ ମିଶନ୍ 'ଆଦିତ୍ୟ ଏଲ-୧' ଦ୍ୱାରା ମହାକାଶକୁ ପଠାଯିବ । ଆଦିତ୍ୟ ଏଲ-୧ ମାଧ୍ୟମରେ ପଠାଯାଇଥିବା ଏହା ସବୁଠାରୁ ବଡ ଉପକରଣ ହେବ । ତେବେ ଚଳିତ ବର୍ଷ ଜୁନ୍ କିମ୍ବା ଜୁଲାଇରେ ଆଦିତ୍ୟ ଏଲ-୧ ମିଶନ୍ ଲଞ୍ଚ ହୋଇପାରେ । ଗୁରୁବାର ଦିନ ଓଓଇ ର ସେଣ୍ଟର ଫର ରିସର୍ଚ୍ଚ ଇନ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (CREST) କ୍ୟାମ୍ପସରେ ISRO ଚେୟାରମ୍ୟାନ୍ ଏସ୍ ସୋମନାଥଙ୍କୁ VELC ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରାଯାଇଥିଲା । IIA କହିଛି ଯେ ଏହା VELC ର ଅନୁସନ୍ଧାନକୁ ସଫଳତାର ସହିତ ସମାପ୍ତ କରିଛି । ଏହା ଏକ ବିବୃତ୍ତିରେ କହିଛି ଯେ ISRO VELC ର ଅଧିକ ଅନୁସନ୍ଧାନ କରିବ ଏବଂ ଏହା ଆଦିତ୍ୟ ଆଦିତ୍ୟ ଏଲ-୧ ମହାକାଶଯାନ ସହିତ ଏକୀଭୂତ ହେବ । VELC ଦଳକୁ ଅଭିନନ୍ଦନ ଜଣାଇ ସୋମନାଥ କହିଛନ୍ତି ଯେ ଆଦିତ୍ୟ ଏଲ-୧ ଜୁନ୍ କିମ୍ବା ଜୁଲାଇରେ ଲଞ୍ଚ ହେବ ବୋଲି ଆଶା କରାଯାଉଛି । ପୃଥିବୀ ତଥା ଆଖପାଖରେ ସୂର୍ଯ୍ୟଙ୍କ ପ୍ରଭାବ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଆଦିତ୍ୟ ଆଦିତ୍ୟ ଏଲ-୧ ଏହି ବିଷୟ ଉପରେ ଆଲୋକ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସୋମନାଥ କହିଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

ସୋମବାର, ୦୬ ଫେବୃୟାରୀ ୨୦୨୩


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଯୁଦ୍ଧ ନା ବିକାଶ...

ଲ ଦାଖ୍- ଦେଶର ଉତ୍ତର ଭାଗରେ ଅବସ୍ଥିତ ଏକ ବଣ୍ଟିଳ ସୀମାନ୍ତ ଅଞ୍ଚଳ ଯାହା ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରେ । ଜାମ୍ମୁ ଏବଂ କାଶ୍ମୀରର ଏକ ଅଂଶ ଭାବେ ରହିଆସିଥିବା ଲଦାଖକୁ ଏକ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଗଲା । ୨୦୧୯ରେ ଯେତେବେଳେ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦କୁ ପ୍ରତ୍ୟାହାର କରିନେଲେ । ଆଉ ତା' ପରଠାରୁ ଏହା ରାଜନୀତିକ ଦୃଷ୍ଟିକୋଣରୁ ଅଶାନ୍ତର ବଳୟ ଭିତରକୁ ପ୍ରବେଶ କରିଛି, ଯଦିଓ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବା ପରେ ଅଳ୍ପ କିଛିଦିନ ପାଇଁ ଏଠାକାର ଅଧିବାସୀମାନଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଏଥିପାଇଁ ଅବଶ୍ୟ ଏଠାକାର ବୌଦ୍ଧଧର୍ମାବଲମ୍ବୀମାନେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ । ତେବେ ଲୋକମାନଙ୍କର ଏହି ଉତ୍ସାହ ମଉଳି ଯାଇଛି ଏବଂ ସେମାନଙ୍କ ମନରେ ଦେଖା ଦେଇଛି ଅସନ୍ତୋଷ । ସେମାନେ ସମ୍ପ୍ରତି ଦାବି କରୁଛନ୍ତି ଏହି ଅଞ୍ଚଳକୁ ସମ୍ବିଧାନର ଧାରା ୨୪୪ ଅଧୀନରେ ଥିବା ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବାକୁ, ଯାହା ସମ୍ପୃକ୍ତ ଅଞ୍ଚଳର ଜନଜାତି ଲୋକମାନଙ୍କୁ ବିଶେଷ ସୁରକ୍ଷା ପ୍ରଦାନ କରିବ । ସେମାନେ ଏଥ ?ପାଇଁ ଯେଉଁ ବିକ୍ଷୋଭ କରୁଛନ୍ତି, ତା'ର ନେତୃତ୍ୱ ନେଉଛନ୍ତି ମାସେସେ ପୁରସ୍କାର ବିଜେତା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍ । ଗତ ସପ୍ତାହରେ ସେ ଏଠାକାର ପରିବେଶ ଏବଂ ଜନସାଧାରଣଙ୍କ ଦାବି ପ୍ରତି କେନ୍ଦ୍ର ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଶାନ୍ତିପୂର୍ଣ୍ଣ ଢଙ୍ଗରେ ଅନଶନ କରିବା ପରେ ତାଙ୍କ ବିରୋଧରେ ବର୍ତ୍ତମାନ ବ୍ୟବହାର କରାଯାଇଛି କ୍ରିମିନାଲ ପ୍ରୋସିଡ୍ୟୁରର କୋଡ୍‌ର ଧାରା ୧୦୭ ଓ ୧୧୭ ଯାହା ଅନୁସାରେ ତାଙ୍କର ବ୍ୟବହାରରେ ସୁଧାର ଆଣିବା ନିମନ୍ତେ ତାଙ୍କୁ ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏକ ବଣ୍ଡ୍‌ରେ ଦସ୍ତଖତ କରିବାକୁ କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ କୌଣସି ଏକ ଅଞ୍ଚଳରେ ଶାନ୍ତି ଭଙ୍ଗ କରିବା ଏବଂ ଲୋକମାନଙ୍କୁ ଗଣ୍ଡଗୋଳ ବା ବିକ୍ଷୋଭ କରିବାକୁ ମତାଇବା ଇତ୍ୟାଦି ଅଭିଯୋଗରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଏଭଳି ବଣ୍ଡ୍ ବା ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଇଥାଏ । ଅଗଷ୍ଟ ୨୦୧୯ରେ ଲଦାଖ୍ ଏକ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ଘୋଷିତ ହେବା ପରେ ଏଠାକାର ଶାସନ ଏମିତି ଏକ ଅମଲାତନ୍ତ୍ର ହାତକୁ ଚାଲିଗଲା, ଯାହାକୁ ସ୍ଥାନୀୟ ଲୋକମାନେ ସେମାନଙ୍କ ସ୍ୱାର୍ଥ ବିରୋଧୀ ଏବଂ ଦାୟିତ୍ୱହୀନ ବୋଲି ବିଚାର କରୁଛନ୍ତି । ସମୟ ଅତିବାହିତ ହେବା ସହିତ ସ୍ଥାନୀୟ ଲୋକମାନେ ଏବଂ କାରଗିଲ୍ ଓ ଲେହର ଦୁଇଗୋଟି ପାର୍ବତ୍ୟାଞ୍ଚଳ ପରିଷଦର ନିର୍ବାଚିତ ପ୍ରତିନିଧି ସମୂହଙ୍କ ସହିତ ଶାସନ କ୍ଷମତା ହାତରେ ଥିବା ଅମଲାତନ୍ତ୍ରର ନିରନ୍ତର ଭାବରେ ଲାଗି ରହିଥିବା ତୁ ତୁ ମେଁ ମେଁ ବଢ଼ି ଚାଲିଲା । ୨୦୨୦ରେ ଲେହର ରାଜନୀତିକ ଏବଂ ଧାର୍ମିକ ସଂସ୍ଥାଗୁଡ଼ିକ ମିଶି ଲେହ ଶୀର୍ଷସ୍ତରୀୟ ସଂସ୍ଥା (ଏଲ୍‌ବି) ଗଠନ କଲେ । ଏହାର ନେତୃତ୍ୱ ନେଲେ ଏଠାକାର ପ୍ରଭାବଶାଳୀ ଲଦାଖ୍ ବୌଦ୍ଧ ଧର୍ମାବଲମ୍ବୀ ସଂଗଠନ (ଏଲ୍‌ବିଏ)ର ନିର୍ବାଚିତ ଅଧ୍ୟକ୍ଷ ତଥା ପୂର୍ବତନ ବିଜେପି ନେତା ଏବଂ ସାଂସଦ ଥୁପ୍‌ସ୍ତାନ୍ ଛେୱାଙ୍ଗ୍ । ସେହିଭଳି କାରଗିଲ୍ ଜିଲ୍ଲାରେ ମଧ୍ୟ ୨୦୨୦ର ନଭେମ୍ବର ମାସରେ ଗଠିତ ହେଲା ଅନ୍ୟ ଏକ ସଂଗଠନ- କାଗିଲ୍ ଗଣତାନ୍ତ୍ରିକ ମେଣ୍ଟ (କେଡିଏ), ଯେଉଁଥିରେ ସାମିଲ ଅଛନ୍ତି ନ୍ୟାସନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ତଥା ସିଆ ମୁସଲମାନ-ଅନୁବନ୍ଧିତ ସେମିନାରୀମାନେ । କାରଗିଲ୍ ଜିଲ୍ଲାବାସୀଙ୍କ ଇଚ୍ଛା ଯେ ସେମାନେ ପୁଣିଥରେ ଜାମ୍ମୁ ଏବଂ କାଶ୍ମୀର ସହିତ ମିଶି ରହିବେ ଏବଂ ପୂର୍ବରୁ ଯେଭଳି ଏହି ରାଜ୍ୟକୁ ଧାରା ୩୭୦ ଅନୁସାରେ ସ୍ୱତନ୍ତ୍ର ସୁବିଧାସୁଯୋଗ ମିଳୁଥିଲା, ତାହା ପୁନର୍ବାର ସେହିଭଳି ମିଳୁ । ମୋଟାମୋଟି ଏଠାକାର ଲୋକମାନେ ବର୍ତ୍ତମାନ ଦାବି କରୁଛନ୍ତି ସେମାନଙ୍କର ଜମି, ଚାକିରି, ସମ୍ବଳ ଏବଂ ପରିବେଶର ସୁରକ୍ଷା ସହିତ ରାଜ୍ୟର ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁସାରେ କିଛିଟା ସ୍ୱାୟତ୍ତତା । ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳର ବିକାଶ ନିମନ୍ତେ ଉଦ୍ୟୋଗ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟଗୁଡ଼ିକ ପାରିପାର୍ଶ୍ୱିକ ଅବସ୍ଥାର ଅବକ୍ଷୟ ଘଟାଉଥିବାର ଅଭିଯୋଗ ଉଠାଇଛନ୍ତି ୱାଙ୍ଗ୍‌ଚୁକ୍ । ସେମାନେ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ଚାରିଗୋଟି ମୁଖ୍ୟ ଦାବି ଉପସ୍ଥାପନ କରିଛନ୍ତି । ସେଗୁଡ଼ିକ ହେଉଛି- ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା, ଷଷ୍ଠ ଅନୁସୂଚୀ ଅଧୀନରେ ସାମ୍ବିଧାନିକ ସୁରକ୍ଷା, ଲେହ ଏବଂ କାରଗିଲ୍ ନିମନ୍ତେ ପୃଥକ୍ ଲୋକସଭା ଆସନ ଏବଂ ସ୍ଥାନୀୟ ଲୋକମାନଙ୍କ ପାଇଁ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା । ବିକ୍ଷୋଭକାରୀମାନଙ୍କ କହିବା ଅନୁସାରେ, ସେମାନଙ୍କ ଦାବି ସମୂହର ପୂରଣ ଲଦାଖର ସ୍ୱତନ୍ତ୍ର ପରିଚୟ ସହିତ ଏଠାକାର ସଂସ୍କୃତି ଏବଂ ଅତି ସମ୍ବେଦନଶୀଳ ପରିବେଶର ସୁରକ୍ଷା କରିବ । ଅପର ପକ୍ଷରେ, ଏକ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ଭାବରେ ଲଦାଖ୍ ୨୦୨୦ରେ ଚୀନ୍ ଅନୁପ୍ରବେଶ ଏବଂ ଚୀନ୍ ଓ ଭାରତୀୟ ସେନାଙ୍କ ମଧ୍ୟରେ ଏକ ଭୟାବହ ସଂଘର୍ଷକୁ ପରିଲକ୍ଷିତ କରି ସାରିଛି । ତେଣୁ, ଏହି ଅଞ୍ଚଳର ସମସ୍ୟାଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ସମାଧାନ କରା ନଗଲେ ଏହାର ଫାଇଦା ଭାରତର ଚିରଶତ୍ରୁ ଚୀନ୍ ନେବାରେ କିଛି ଅସୁବିଧା ରହିବ ନାହିଁ ।

## ଅନୁଚିନ୍ତନର ଜୀବନ



ଜୟନ୍ତୀ ପଣ୍ଡା

ଥରେ ଶ୍ରୀରାମଚନ୍ଦ୍ର ତାଙ୍କ ଗୁରୁ ବିଶିଷ୍ଠଙ୍କୁ ପଚାରିଲେ, 'ଗୁରୁଦେବ, ମୃତ୍ୟୁକୁ ଏଡ଼ାଇବା ନିମନ୍ତେ କିଛି ବାଟ ଅଛି କି ?' ସେଇ ସମସ୍ୟା ଗୌତମ ବୁଦ୍ଧଙ୍କୁ ସମସ୍ତ ଆସକ୍ତି ତ୍ୟାଗ କରିବାକୁ ଅନୁପ୍ରେରିତ କରିଥିଲା ଓ ତାଙ୍କୁ ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ପ୍ରଦାନ କରି ଅକ୍ଷୟ ଖ୍ୟାତିର ଅଧିକାରୀ କରିଥିଲା । ଭକ୍ତ ଶିରୋମଣି ପ୍ରହ୍ଲାଦ ବାଳକ ଅବସ୍ଥାରେ ମଧ୍ୟ ତାଙ୍କ ସହପାଠୀମାନଙ୍କୁ କହିଥିଲେ, 'ବନ୍ଧୁମାନେ, ଆମରି ବୟସର କେତେ କେତେ ପିଲା ମରଣକୁ ଆଲିଙ୍ଗନ କରିବା, ଅଗ୍ନିରେ ଦଗ୍ଧ ହେବା ବା ସମାଧି ଘେନିବା ଦେଖିଥିବ ।' ସେ ମୃତ୍ୟୁ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଅବଶ୍ୟମ୍ଭାବୀ ଘଟଣାରୁ ଶିକ୍ଷା କରିବା ନିମନ୍ତେ ଉପଦେଶ ଦେଇଥିଲେ । ସେମାନଙ୍କୁ ପ୍ରହ୍ଲାଦ ଉନ୍ନତ ଜ୍ଞାନ ଶିଖାଇ ଥିଲେ ।

ତେଣୁ ଯେଉଁମାନେ ମୋକ୍ଷ ପ୍ରଦାନ କରୁଥିବା ଏହି ଦିବ୍ୟ ଜ୍ଞାନ ଲାଭ କରିବାକୁ ଚାହାଁନ୍ତି, ସେମାନେ ମୃତ୍ୟୁ ବିଷୟରେ ଗଭୀର ଚିନ୍ତା କରିବା ଉଚିତ । ମୃତ୍ୟୁ ଭୟପ୍ରଦ ହେବା ଠିକ୍ ନୁହେଁ । ଏହାକୁ ଅମଙ୍ଗଳ ବୋଲି ବିଚାରିବା ଠିକ୍ ନୁହେଁ । ମୃତ୍ୟୁ କେବଳ ଅନ୍ୟମାନଙ୍କ ପାଖକୁ ଆସେ, ତୁମ ପାଖକୁ ଆସିବ ନାହିଁ ବୋଲି ଭାବି ଏହାଠାରୁ ଦୌଡ଼ି ପଳାଇବାର ଚେଷ୍ଟା କରି କିଛି ଲାଭ ନାହିଁ । ଏବେ ମୃତ୍ୟୁ ଚିନ୍ତା ଅନାବଶ୍ୟକ ଓ ମୂଲ୍ୟହୀନ ବୋଲି ବିଚାରିବା ମଧ୍ୟ ଉଚିତ ନୁହେଁ । କାରଣ ମୃତ୍ୟୁ ଚିନ୍ତା ହିଁ ପ୍ରକୃତରେ ଆତ୍ମଚିନ୍ତା । ଏହା ବୁଝିବାକୁ ହେବ ।

**ମୃତ୍ୟୁ ହିଁ ପ୍ରଥମ କାରଣ ଯେଉଁଥିରୁ 'ମୁଁ କିଏ' ଏହି ପ୍ରଶ୍ନ ଉଠିଥାଏ । ତେଣୁ ମୃତ୍ୟୁକୁ ଏକ ଅନାବଶ୍ୟକ ବିଚାର ଭାବି ଉପେକ୍ଷା କରିବା ଠିକ୍ ନୁହେଁ । ଭୟରେ ମୃତ୍ୟୁ ଠାରୁ ପଳାଇ ଯାଇପାରିବ ନାହିଁ, କାରଣ ଏହା କଲେ ଆମ୍ଭେମାନେ ଅଜ୍ଞାନ ଆଡ଼କୁ, ନିର୍ବୋଧତା ଆଡ଼କୁ ପ୍ରଥମ ପଦକ୍ଷେପ ନେବ; ନିଜ ମନରେ ମୂର୍ଖତାର ମଞ୍ଜିଟିଏ ପୋତିବ । ଏହାଦ୍ୱାରା ମାୟାର ଖମ୍ବଟିକୁ ଟାଣ କରି ଠିଆ କରିବା ସାର ହେବ ।**

ମଣିଷ ପ୍ରତି ଭଗବାନଙ୍କର ବିଶେଷ ଦାନ ବିବେକକୁ ଦୃଶ୍ୟ ଜଗତର ସତ୍ୟ ଉନ୍ମୋଚନ କରିବାରେ, ଏହାର ପ୍ରକୃତ ସ୍ୱଭାବ ଓ ସ୍ୱରୂପ ଜାଣିବାରେ ଖଟାଇବା ଦରକାର । ମୃତ୍ୟୁ ହିଁ ପ୍ରଥମ କାରଣ ଯେଉଁଥିରୁ 'ମୁଁ କିଏ' ଏହି ପ୍ରଶ୍ନ ଉଠିଥାଏ । ତେଣୁ ମୃତ୍ୟୁକୁ ଏକ ଅନାବଶ୍ୟକ ବିଚାର ଭାବି ଉପେକ୍ଷା କରିବା ଠିକ୍ ନୁହେଁ । ଭୟରେ ମୃତ୍ୟୁ ଠାରୁ ପଳାଇ ଯାଇପାରିବ ନାହିଁ, କାରଣ ଏହା କଲେ ଆମ୍ଭେମାନେ ଅଜ୍ଞାନ ଆଡ଼କୁ, ନିର୍ବୋଧତା ଆଡ଼କୁ ପ୍ରଥମ ପଦକ୍ଷେପ ନେବ; ନିଜ ମନରେ ମୂର୍ଖତାର ମଞ୍ଜିଟିଏ ପୋତିବ । ଏହାଦ୍ୱାରା ମାୟାର ଖମ୍ବଟିକୁ ଟାଣ କରି ଠିଆ କରିବା ସାର ହେବ ।

ମଣିଷ ଜୀବନରେ ଯେତେ ସବୁ ରହସ୍ୟ ଗୁପ୍ତ ହୋଇ ରହିଛି ସେ ସବୁ ମୃତ୍ୟୁ ବିଚାର ସହ ଛନ୍ଦା । ମୃତ୍ୟୁ ରହସ୍ୟ ସମ୍ବନ୍ଧରେ ଅନୁଶୀଳନ କଲେ ଯାଇ ଈଶ୍ୱରତ୍ୱର ମହିମା ଓ ଐଶ୍ୱର୍ଯ୍ୟ ପ୍ରକାଶିତ ହୋଇଥାଏ । କଠୋପନିଷଦ ଅନୁସାରେ ନଚିକେତା ଯମଙ୍କ ଠାରୁ ଯେଉଁ ତିନୋଟି ବର ପାଇଥିଲା, ସେଥିରେ ମୁଖ୍ୟ ଥିଲା ମୃତ୍ୟୁ ସମ୍ବନ୍ଧୀୟ । ସେ ପଚାରିଲା, 'ମୃତ୍ୟୁ ପରେ ମନୁଷ୍ୟ କ'ଣ ବଞ୍ଚି ରହେ ? କେତେକ କହନ୍ତି ମୃତ୍ୟୁ ହିଁ ମନୁଷ୍ୟ ଜୀବନର ଶେଷ । ପ୍ରତ୍ୟେକ ନିଜ ନିଜର ମନୋଭାବ ଅନୁସାରେ ଯୁକ୍ତି କରନ୍ତି । ଆପଣ ମୋ ପାଇଁ ଏ ସମସ୍ୟାଟିର ସମାଧାନ କରି ଦିଅନ୍ତୁ ।' ଏହିପରି ପ୍ରାର୍ଥନା କରି ନଚିକେତା ଯମଙ୍କ ଠାରୁ ଉତ୍ତର ପାଇବା ନିମନ୍ତେ ଜିଦି କରିଥିଲା । ଯମ ନଚିକେତାର ଏହି ପ୍ରଶ୍ନ ଉପେକ୍ଷା କରିବାକୁ ଯାଇ ଉତ୍ତର ଦେଇଥିଲେ, 'ପୁତ୍ର ନଚିକେତା, ଏହା ଗୋଟିଏ ଅସମାହିତ ରହସ୍ୟ । ପବିତ୍ର ଗ୍ରନ୍ଥଗୁଡ଼ିକ ଏହି ସମସ୍ୟାକୁ ସୂକ୍ଷ୍ମତମଠାରୁ ସୂକ୍ଷ୍ମତର ବୋଲି ବିଚାର କରିଥାନ୍ତି । ଦେବତାମାନଙ୍କୁ ମଧ୍ୟ ମୁଁ ମୃତ୍ୟୁର ରହସ୍ୟ ବୁଝାଇବାକୁ ଅସମର୍ଥ ହୋଇଛି । ତଥାପି ତୁମେ ଏ ବର ପ୍ରାର୍ଥନା କରୁଛ । ଏବେ ତୁମର ମୃତ୍ୟୁ ଚିନ୍ତା କାହିଁକି ? ତୁମେ ଗୋଟିଏ ନିରୀହ ବାଳକ, ତୁମେ ଆହୁରି ଅନେକ ଦିନ ସୁଖରେ ବଞ୍ଚିବା ପାଇଁ ଉପଯୁକ୍ତ । ମୁଁ ବରଂ ତୁମକୁ ପ୍ରଚୁର ଧନରତ୍ନ ଦେଉଛି, ଏହି ବର ଗ୍ରହଣ କରି ଫେରିଯାଅ ଏବଂ ଅତୁଳନୀୟ ସୁଖ, ଐଶ୍ୱର୍ଯ୍ୟ ଭୋଗ କର । ତୁମେ ଯେତେ ପରିମାଣରେ ଐଶ୍ୱର୍ଯ୍ୟ ବିଞ୍ଚି ଚାହିଁବ, ମୁଁ ଦେବାକୁ ପ୍ରସ୍ତୁତ ଅଛି । ଏବେ ଧନ ଭୋଗ ମାଗି ସୁଖୀ ହୁଅ ।'

ମାତ୍ର ନଚିକେତା ଉତ୍ତର ଦେଲା, 'ଧର୍ମରାଜ, ଐଶ୍ୱର୍ଯ୍ୟ ଯେତେ ବେଶୀ ହେଲେ ବି, ଭୋଗ ଯେତେ ବିପୁଳ ହେଲେ ବି ତାହା ଦିନେନା ଦିନେ ଆପଣଙ୍କର ଶିକାର ନିଶ୍ଚୟ ହେବ । ଏ ସୃଷ୍ଟିରେ କିଛି ହେଲେ ଆପଣଙ୍କ ଠାରୁ ରକ୍ଷା ପାଇ ପାରିବ ନାହିଁ, ସବୁକିଛି ମୃତ୍ୟୁ ଭିତରେ ବୁଡ଼ିଯିବ । ତାହେଲେ ଅଳୀକ, ଆଶାଶ୍ୱତ ସୁଖ ଦେଉଥିବା ବସ୍ତୁ ମୁଁ ମାଗିବି କାହିଁକି ? ମୋ ହୃଦୟ ଯାହା ଏକାନ୍ତ ଭାବରେ ଚାହେଁ, ଦୟାକରି ତାହାହିଁ ଦିଅନ୍ତୁ ।' ମହାଭାରତରେ ଧର୍ମରାଜଙ୍କୁ ପ୍ରଶ୍ନ କରାଯାଇଛି, ସଂସାରର ସବୁଠୁ ବଡ଼ ବିସ୍ମୟ କ'ଣ ? ଧର୍ମରାଜ ଉତ୍ତର ଦେଇଛନ୍ତି, 'ପ୍ରତିଦିନ ପ୍ରାଣୀମାନେ ମରିବାର ଦେଖି ମଧ୍ୟ ଆମେ ଭାବୁ ଆମର ଏ ଦଶା ଘଟିବ ନାହିଁ । ଏହାଠାରୁ ବଳି ଆଶ୍ଚର୍ଯ୍ୟର କଥା ଆଉ କ'ଣ ହୋଇପାରେ ?' ସେହିପରି, ଉପନିଷଦର ଋଷି ଯାଜ୍ଞବଳକ୍ୟ ଯେତେବେଳେ ସନ୍ନ୍ୟାଶ୍ରମରେ ପ୍ରବେଶ କରିବାକୁ ଚାହିଁଲେ, ତାଙ୍କର ଦୁଇ ପତ୍ନୀ କାତ୍ୟାୟନୀ ଓ ମୈତ୍ରେୟୀଙ୍କୁ ଡାକି କହିଲେ ସେ ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସେମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେବାକୁ ଚାହାଁନ୍ତି । ଏହା ଶୁଣି ଉନ୍ନତତର ବୁଦ୍ଧି ଓ ଅର୍ନ୍ତଦୃଷ୍ଟି ସମ୍ପନ୍ନା ଜ୍ୟେଷ୍ଠା ପତ୍ନୀ ମୈତ୍ରେୟୀ ପ୍ରତିବାଦ କରି ସ୍ମିତ ହସି ଉତ୍ତର ଦେଲେ, 'ପ୍ରଭୁ, ଆପଣ ମୋତେ ଯେଉଁ ଧନରତ୍ନ ଦେବାକୁ ଚାହୁଁଛନ୍ତି ତାହା କ'ଣ ମୋତେ ମୃତ୍ୟୁ ହାତରୁ ରକ୍ଷା କରି ଅମରତ୍ୱ ପ୍ରଦାନ କରି ପାରିବ ? ଆପଣ ଯଦି ମୋତେ ପ୍ରତିଶ୍ରୁତି ଦେବେ ଯେ ତାହା ହେବ, ତେବେ ଆପଣଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ଓ ଭକ୍ତିର ସହ ତାହା ଗ୍ରହଣ କରିବି ।' ଯାଜ୍ଞବଳକ୍ୟ ଉତ୍ତର ଦେଲେ, 'ଭଦ୍ରେ, ଧନରତ୍ନ ଜୀବନକୁ ଭୋଗମୟ ଓ ସୁଖକର କରେ । ତୁମେ କ'ଣ କହୁଛ ଯେ ଏସବୁ ଧନରତ୍ନ ତୁମର ଆବଶ୍ୟକ ନାହିଁ ?' ମାତ୍ର ମୈତ୍ରେୟୀ ଅବିଚଳିତ ରହି ଉତ୍ତର ଦେଲେ, 'ଯଦି ଆପଣଙ୍କ କଥା ସତ, ତେବେ ଆପଣ ତ ନିଜେ ଏହି ଐଶ୍ୱର୍ଯ୍ୟ ଭୋଗ କରି ସୁଖରେ ରହି ପାରିଥାନ୍ତେ । ଏସବୁ ତ୍ୟାଗ କରି ଆପଣ ସନ୍ନ୍ୟାସୀ ହେବାକୁ କାହିଁକି ଚାହୁଁଛନ୍ତି ? ନା, ଏସବୁ ପ୍ରଲୋଭନ ଭରା ତୁଚ୍ଛ ବସ୍ତୁ ଆମ ଆଗରେ ସ୍ଥାପନ କରି ଆମପରି ଅବଳା ନାରୀମାନଙ୍କୁ ପ୍ରବଞ୍ଚନା କରିବା ଠିକ୍ ହେଉନାହିଁ । ଆପଣ ନିଜେ ଯେଉଁ ବିଭବ ରଖିବାକୁ ଅସ୍ୱୀକାର କରୁଛନ୍ତି, ତାହା କିପରି ଆମକୁ ସୁଖୀ କରିପାରିବ ? ଏସବୁ ଦି ଦିନର ବସ୍ତୁ, ଅଳୀକ, ତୁଚ୍ଛ ବସ୍ତୁ ଯାହା ଅବିଳମ୍ବେ ନଷ୍ଟ ହୋଇଯାଏ । ତାହା ଆମକୁ ଆହୁରି ଅଧିକରୁ ଅଧିକ ଦୃଢ଼ ବନ୍ଧନରେ ବାନ୍ଧି ପକାଏ । ଆପଣ ଯେଉଁ ଅଜ୍ଞାନ ତ୍ୟାଗ କରିବାର ସଂକଳ୍ପ କରିଛନ୍ତି, ତାହା ଆମକୁ ସେଇ ଅଜ୍ଞାନରେ ଅଧିକରୁ ଅଧିକ ଜଡ଼ିତ କରିଦେବ, ଉଦ୍‌ବେଗ ଦୁଶ୍ଚିନ୍ତା ପରିପୁଷ୍ଟ କରିବ ।

ଫରିଦାବାଦ, ହରିୟାନା

## ରାଜ୍ୟର ବଡ଼ ମେଡିକାଲ ସରକାର ଛୋଟ କରିଦେଲେ



ସୁବ୍ରତ କର

ମୋର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରିବାର ପ୍ରତି ପୁରାପୁରି ସମ୍ବେଦନା ରହିଛି ଏବଂ ଏହାକୁ ନିନ୍ଦା କରିବା ନିହାତି ଦରକାର । ନିଶ୍ଚିତ ଭାବରେ ପୁଲିସ ବାବୁଙ୍କ ଗୁଳିରେ ମରିବା ଏହା ରାଜ୍ୟରେ ପ୍ରଥମ ଘଟଣା (ମନ୍ତ୍ରୀ ହିସାବରେ) । ଏହା କାହିଁକି ହେଲା କଣ ପାଇଁ ହେଲା, ଏହା ପଛରେ କାହାର କାହାର ହାତ ଅଛି ? ଏ ସବୁକୁ ଖୋଜି କାଢ଼ିବା ପାଇଁ କ୍ରାଇମ୍ ବ୍ରାଞ୍ଚର ଏ.ଡି.ଜିଙ୍କୁ ଦାୟିତ୍ୱ ଦିଆହୋଇଛି । ସେ ନିଶ୍ଚୟ ରାଜ୍ୟର ଜଣେ ପାରଙ୍ଗମ ପୋଲିସ ଅଫିସର ହୋଇଥିବେ କାରଣ ଡିଜି ସାହେବ ଜାଗା ପାଖକୁ ନ ଯାଇ ୫-୬ ଦିନ ପରେ କହି ପକେଇଲେ କ୍ରାଇମ୍ ବ୍ରାଞ୍ଚର ଏ.ଡି.ଜି ପୂର୍ବରୁ ସି.ବି. ଆଇରେ କାର୍ଯ୍ୟରତ ଥିଲେ ଏବଂ ସେ ନିଶ୍ଚୟ ଏହାର ମୂଳ ନିଷ୍କର୍ଷ ବାହାର କରି ପାରିବେ । ଏଇଠି ପ୍ରଶ୍ନ ଉଠୁଛି ମୋର, ଯେତେଦୂର ମନେ ପଡ଼େ ଏହି ଅଫିସରଙ୍କୁ ପରୀ କେଶର ଦାୟିତ୍ୱ ଦିଆ ହୋଇଥିଲା । କଣ ହେଲା, ଓନିଶାର ଜନ ସାଧାରଣଙ୍କୁ ଜଣା ନାହିଁ, ଯଦି ଡି.ଜି ସାହେବଙ୍କୁ ଜଣାଥିବ । ମୋର କିନ୍ତୁ ଏ ବିଷୟରେ କିଛି କହିବାର ନାହିଁ । ମୋର କହିବା କଥା ହେଲା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆମ ରାଜ୍ୟର ଗର୍ବ ଗୌରବ କଟକ ବଡ଼ ମେଡିକାଲକୁ କାହିଁକି ନିଆଗଲାନାହିଁ । ସରକାରୀ ଡାକ୍ତରଖାନା କଣ ପ୍ରସ୍ତୁତ ନ ଥିଲଶ ଆମର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିକିତ୍ସା କରିବା ପାଇଁ । କାହିଁକି ଏକ ଦକ୍ଷୀଣ ଭାରତୀୟ ଡାକ୍ତରଖାନାକୁ ନିଆହୋଇ ଅସ୍ତ୍ରୋପଚାର କରାହେଲା । ଯଦି କଟକ ମେଡିକାଲ କଲେଜ ପ୍ରସ୍ତୁତ ନୁହଁ ତେବେ କେବେ ପ୍ରସ୍ତୁତ ହେବ ? ଆମର ଅନ୍ୟ ଜିଲ୍ଲାମାନଙ୍କର ରେଫାରେଲ ଡାକ୍ତରଖାନା ହେଉଛି କଟକ ବଡ଼ ଡାକ୍ତରଖାନା । ପୁଣି ପ୍ରଶ୍ନ ଉଠୁଛି ସରକାର ୨ ବର୍ଷ ତଳେ ଲାଗି ପଡ଼ିଛନ୍ତି କଟକ ବଡ଼ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବେ ବୋଲି, ଏହା କେବେ ସମ୍ଭବ ହେବ ? ଆମର ସ୍ୱାସ୍ଥ୍ୟ ମନ୍ତ୍ରୀମାନେ ଆମର ଡାକ୍ତରଖାନାରେ କେବେ ଚିକିତ୍ସିତ ହୋଇପାରିବେ ? ଏହାର ଉତ୍ତର ବୋଧହୁଏ ସରକାରଙ୍କ ପାଖରେ ନାହିଁ । ଏବେଆସିବା, ଗରିବ, ମଧ୍ୟବିତ୍ତ ବା ବି.ଏସ.କେ ୱାର୍ଡ୍‌ର ରୋଗୀଙ୍କ ପାଖକୁ । ସେମାନେ କଣ ଭଲ ହେବା ପାଇଁ ଏପୋଲ ଯିବେ ଯେଉଁଠାରେ ଲକ୍ଷ ଲକ୍ଷ ଟଙ୍କାର କାରବାର । କାହିଁକି ଖୁବ୍ କମ୍‌ରେ ୩ଟି ଡିଭିଜନ୍‌ରେ ତିନୋଟି ମେଡିକାଲ କଲେଜକୁ ଠିକ୍‌ସେ ଦେଖା ଯାଇପାରୁନାହିଁ । ଏହାକୁ ସରକାର ବିଚାରକୁ ନନେଇ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାରେ ବ୍ୟସ୍ତ । ଏବେକାର ଖବର ହେଉଛି ସାରା ରାଜ୍ୟରେ ଶତକଡ଼ା ୪୦ ଭାଗ ଡାକ୍ତର ପଦବୀରେ ଡାକ୍ତର ନାହାନ୍ତି । ସାଧାରଣ ମେଡିକାଲ କଲେଜ ଗୁଡ଼ିକରେ ସ୍ପେସାଲିଷ୍ଟ ଡାକ୍ତର ଦରକାର । ଆମ ମେଡିକାଲ କଲେଜରେ(ବାଲେଶ୍ୱର) ଏନାଟୋମିର ଡାକ୍ତର ଅଭାବ । ଏବଂ ଯେହେତୁ ସେ ବାଲେଶ୍ୱର ଲୋକ ଅନେକ ଚେଷ୍ଟା କରି ଜଣେ ଏନାଟୋମିର ପ୍ରଫେସରଙ୍କୁ ପଠେଇ ପାରିଛନ୍ତି । ସେହିପରି କଟକ ମେଡିକାଲ କଲେଜରେ କାର୍ଡିଓ ଥେରାପିକ୍ସ କରାଯାଉଛି ମୋଟ ଦୁଇଜଣ ଡାକ୍ତର । ରୋଗୀଙ୍କ ଲାଇନ୍ ସରକାର ଏବେ ଅନ୍ୟ ମେଡିକାଲ କଲେଜ କଥା ଚିନ୍ତା ନକରି ଯାହା ଅଛି ଏହାକୁ ସଜାଡ଼ନ୍ତୁ ଏବଂ ମୋର ଅନୁରୋଧ ଆମର ଗର୍ବ କଟକକୁ ବିଶ୍ୱସ୍ତରୀୟ କରନ୍ତୁ ।

**ସାରା ରାଜ୍ୟରେ ଶତକଡ଼ା ୪୦ ଭାଗ ଡାକ୍ତର ପଦବୀରେ ଡାକ୍ତର ନାହାନ୍ତି । ସାଧାରଣ ମେଡିକାଲ କଲେଜ ଗୁଡ଼ିକରେ ସ୍ପେସାଲିଷ୍ଟ ଡାକ୍ତର ଦରକାର । ଆମ ମେଡିକାଲ କଲେଜରେ(ବାଲେଶ୍ୱର) ଏନାଟୋମିର ଡାକ୍ତର ଅଭାବ ।**




### ପରିବାର

ଜିତେନ୍ଦ୍ର ଚନ୍ଦ୍ର ସାହୁ



ସ୍ନେହ ମମତାର ବନ୍ଧନ ଡୋରରେ
ବନ୍ଧା ମୋର ପରିବାର
ସରଗର ସୁଖ ମିଳଇ ଯେଉଁଠି
ଝରେ ଖୁସି ନିରନ୍ତର ।୧।

ସରଗଠୁ ବଡ଼ ପିତୃ ପିତାମହ
ସୃଷ୍ଟି ଅଟେ ମୁଁ ତାଙ୍କର
ପୃଥିବୀଠୁ ଭାରି ମୋ ଜନମ ଦାତ୍ରୀ
ମୋ ପାଇଁ ଅମୃତ ଝର ।୨।

ଗୁରୁ ଗୁରୁଜନ ଆଦର ମିଳଇ
ସ୍ୱର୍ଗ ସୁଖ ଉପହାର
ଜୀବନର ବାଟ ଖୋଲି ଦେଇଥାନ୍ତି
ଚାଲିବାକୁ ବହୁ ଦୂର ।୩।

ସ୍ନେହ ପରସ୍ପର ରହେ ନିରନ୍ତର
ବୁଝାବଣାର ସଂସାର
ଅଭାବ କଷଣ ଝଡ ଝଞ୍ଜା ଦୂର
ନପଡ଼େ କାହା ଉପର ।୪।

କାନ୍ଧକୁ କାନ୍ଧରେ ମିଶାଇ ଦିଅନ୍ତି
ନ ପଡ଼େ କାହା ନଜର
ସୁଖ ଦୁଃଖ ଭରା ଜୀବନ ତରୀଟି
ବାହିଚାଲେ ପରିବାର ।୫।

+ବସୋଇ , ପରଜଙ୍ଗ,
ଢେଙ୍କାନାଳ
(ମୋ) ୯୭୭୬୪୫୪୮୦୦

### ବସନ୍ତ ଓ ମୋ ପ୍ରିୟା

ଶ୍ରୀ ବିଜୟ ଚୌଧୁରୀ



ବସନ୍ତ ଆସିଛି
ମୋ ପ୍ରିୟା କବରୀରେ
ତା'ର ଉପସ୍ଥିତି ଜାହିର କରୁଛି
କୁନ୍ଦ ଫୁଲର ବାସ୍ନାରେ
ବସନ୍ତ ଆସିଛି ମୋ ପ୍ରିୟା ନୟନରେ
ଗହନ କଥା ସେ କହେ ଆଖି
ଇସାରାରେ
ବସନ୍ତ ଆସିଛି ମୋ ପ୍ରିୟା ଓଠରେ
ଖିଲି ଖିଲି ହସ ତାର ହୃଦୟୁ
ବାହାରେ
ବସନ୍ତ ଆସିଛି ମୋ ପ୍ରିୟା ହୃଦୟରେ
ଉତଫୁଲିତ ମନ ତାର ରୂପ
ରାଇଜରେ
ବସନ୍ତ ଆସିଛି ତା ପାଦ ଦେଶରେ
ରୁଣୁଝୁଣୁ ଶବ୍ଦେ ମୋତେ
ଆମନ୍ତ୍ରଣ କରେ
ବସନ୍ତ ଆସିଛି ଆମ ଶୟନ କକ୍ଷରେ
ମନେ କରୁ ଅଛୁ ଆମେ ବାସର
ରାତିରେ ।

+ ନବରଙ୍ଗପୁର
(ମୋ)୯୪୩୮୧୦୩୯୮୭

### ରଙ୍ଗେଇଲୁଣ୍ଡା

ନିରଞ୍ଜନ ନାୟକ

ରଙ୍ଗେଇଲୁଣ୍ଡା ଗୋଟିଏ ସୁନ୍ଦରୀ ଝିଅଟିଏ
ପାରିଦେଇଛି ଏୟାରଷ୍ଟ୍ରିପ ରେ ତା'ର ବିସ୍ତୃତ ଓଢଣୀ
କିଆଫୁଲର ମହମହ ବାସ୍ନାରେ ବାସ୍ନାୟିତ ତା ଦେହ
ସେଇଥି ପାଇଁ ତ ତମେ ଆମେ ସମସ୍ତେ
ତା ପ୍ରେମରେ ପାଗଳ

ସେଦିନର ସ୍ମୃତି ଆଇନାରେ ଦେଖୁଛି
ତା'ର ଚିର ଯୌବନର ଇତିହାସ
ଦୁମ୍ ଦୁମ୍ ହୋଇ ଦୌଡୁଛି ତା ଧମନୀର ରକ୍ତ
ତଥାପି ସେ ଶାନ୍ତ ନିରବ ନିଶ୍ଚୁପ

ୟୁନିଭରସିଟି ପରିସର କାନ୍ଥ ଗୁଡିକ ବଖାଣୁଛନ୍ତି
ତା'ର ଅତୀତର ଇତିହାସ

କେତେ ରଙ୍ଗରେ ରଙ୍ଗେଇ ହୋଇଛି ଏବେ ରଙ୍ଗେଇଲୁଣ୍ଡା
ଭବିତବ୍ୟ ହେଉ ତା ଭବିଷ୍ୟତ

ଚିରସବୁଜ ସେ
ବ୍ରହ୍ମପୁର ପାଟ ପିନ୍ଧି ଆହୁରି ମହୁଛିମନ
ଗୋପାଳପୁର ବେଳାଭୂମିରେ ଦେଖୁଛି ବିକାଶର ସ୍ୱପ୍ନ
ହାତ ପ୍ରସାରି ଦେଇଛି କରାପଲ୍ଲି ରୁ ମାଣ୍ଡିଆପଲ୍ଲି ଯାଏଁ
ଆପଣେଇଛି ତା ହୃଦୟରେ ଆଗନ୍ତୁକ ଅତିଥିମାନଙ୍କୁ

କେତେ ଆଶା ଆକାଂକ୍ଷା ସ୍ୱପ୍ନ ସମ୍ଭାବନା ନେଇ
ବସିଛି ଚୁପଚାପ ମୋନାର୍କ ଛକରେ
ଚାଲ ଚାଲ ଭେଟିବା ସେଇ
ରଙ୍ଗେଇଲୁଣ୍ଡା ସୁନ୍ଦରୀ ଝିଅଟିକୁ ଯାଇ ।

ଟିକିରି, ରାୟଗଡା
(ମୋ) ୯୪୩୭୩୧୭୪୧୭



### ଖିଏ ହସ

ବାଉରିବନ୍ଧୁ ଲେଙ୍କା

ତୁମ ଓଠ ଧାରେ ହସ ଖିଏ ଦେଖି
ପ୍ରେମେ ପାଦ ଥାପିଥିଲି
ଯୌବନର ଉଷ୍ମ ମାଦକତା ମୁହିଁ
ଅଙ୍ଗେ ଅନୁଭବୁଥିଲି ?

ଜୀବନଟା ଖାଲି ନିରାଶାର ବାଲି
ଭାବି ନେଇଥିଲି ମନେ

ଅମା ଆକାଶରେ ଦ୍ୱିତୀୟା ଚାନ୍ଦଟେ
ଉଇଁ ଆସିଲା କେସନେ ?

ପ୍ରେମ ଅବା ତାହା ଥିଲା ପ୍ରବଞ୍ଚନା
ପରଖି ନଥିଲି ମୁହିଁ
ଭାବନାର ରାଜ୍ୟେ ଘୁରି ବୁଲୁଥିଲି
ମନେ ମନେ ଖୁସି ହୋଇ ?

ଜାଣିଲି ସେଦିନ ତୁମେ ଯେଉଁଦିନ
ସାଜି ନବ ବଧୂ ବେଶ
ଚାଲି ଯାଇଥିଲ ଅନ୍ୟ କା'ର ହୋଇ
ମୋ ମନ କରି ଉଦାସ ?

ସେକାଳେ ଜାଣିଲି ଖିଏ ହସେ ଥାଏ
ତାଚ୍ଛଲ୍ୟ ଓ ପ୍ରବଞ୍ଚନା
କେତେବେଳେ ପୁଣି ଲୁଚି ରହିଥାଏ
ପ୍ରଥମ ପ୍ରେମ ସୂଚନା ?

କେତେବେଳେ ଏହା ଦୁଃଖ ସାଗରରେ
ସୁଖର କ୍ଷୀଣ ଲହରୀ
କୂଳକୁ ଛୁଇଁବା ପୂର୍ବରୁ ବାଟରେ
ଦୁଃଖ-ଜଳେ ଯାଏ ମରି ?

କେତେବେଳେ ଏହା ବହୁ ପ୍ରତୀକ୍ଷାର
ଶେଷ ଜବନିକା ହୋଇ
ଶୃଙ୍ଖଳା ଓଠର ଧାରେ ଝରିଯାଏ
ହସ ଖିଅଟିଏ ହୋଇ ?

ଔଔଔଔଔଔ

ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର
ଭୁବନେଶ୍ୱର ,
୯୮୫୩୨୩୫୮୪୪

♥ରେଗଡା, କର୍ଲାମୁଣ୍ଡା, କଳାହାଣ୍ଡି
ମୋ- ୭୦୭୭୩୨୭୯୩୧



ଜୟଶ୍ରୀ ପଟ୍ଟନାୟକ

# ଅନ୍ତର୍ଦାହ



ସେମିତି ଗ୍ଭଲୁଥିଲେ ସେମାନେ କ୍ଷିପ୍ର ଗତିରେ । ଗାଁ ଶେଷ ମୁଣ୍ଡ ବରଗଛ, ଘରଦ୍ୱାର, ଭିଟାମାଟି, ବନ୍ଧୁ ପରିଜନ ସବୁ କିଛିକୁ ପଛରେ ପକେଇ ଗ୍ଭଲିଥିଲେ । ଯେମିତି ଲାଗୁଛି କୃଷ୍ଣଚୂଡା ଗଛରୁ ଝରିପଡୁଛି ଚୂନା ଚୂନା ଫୁଲ ତାଙ୍କ ପ୍ରେମଭିଜା ପ୍ରାଣକୁ ବଧେଇ ଜଣେଇବାକୁ । ଗ୍ଭରିଆଡେ ବସନ୍ତର ସମ୍ଭାର । କୋଇଲି ଟା ଆମ୍ବ ଗଛ ଡାଳରେ କୁହୁ- କୁହୁ ରାବି ସ୍ୱାଗତର ବାର୍ତା ଶୁଣାଉଛି । କିଛି ବାଧା ନାହିଁ କି ନାହିଁ ବି କାହାର ଆକଟପଣ । ମନରେ ଥାଏ ଅଦମ୍ୟ ସାହସ । ପାଇବାର ବିଶ୍ୱାସ । ହଜେଇ ଦେଇଥିବା ସମୟ ମାନଙ୍କୁ ମୁକ୍ତା ପରି ସାଉଁଟି ପ୍ରେମର ନୂଆ ପ୍ରଲେପ ଦେବାର ବେଳ । । ମନ ଭିତରେ ଅନେକ ଖୁସୀ । ମନେ ପଡୁଥାଏ ପ୍ରେମର ସେହି ପହିଲି ପୁଲକ । ଯାହା ସେମାନଙ୍କୁ ଏକା ମନ କରି ଗ୍ଭଲିବାରେ ଖୋରାକ୍ ଯୋଗାଇଥିଲା ।

ହଁ, ପ୍ରେମ ଏକ ଅଦେଖା, ଅକୁହା ଅନୁଭବ । ପ୍ରେମରେ ପଡିଲେ ହୃଦୟଟା ହଜିଯାଏ, ଗ୍ଭେରୀ ହୋଇଯାଏ ମନ । ସବୁ ଭୁଲି ହୋଇଯାଏ । ଖାଲି ପ୍ରେମମୟ ଚେହେରାଟା ସକାଳରୁ ସ ଘର କରି ବସିଥାଏ ହୃଦୟରେ, ଆଉ ମନରେ । ମନ ହୁଏ ଆନମନା । ବୟସରେ ପ୍ରଜାପତିର ଡେଣା ଲାଗି ଯାଇଥାଏ । ଟିକି ଚଢ଼େଇଟି ମା'ଚଢ଼େଇ ଠାରୁ ଖଣ୍ଡିଉଡା ଦେଇ ଉଡି ଧୀରେ ଧୀରେ ନୀଳ ଆକାଶକୁ ଉଡିଗଲା ପରି ପ୍ରେମୀର ମନ ପ୍ରତିଶୃତି, ଦେଖା ସାକ୍ଷାତ, ପ୍ରତିଦିନର ଆଳାପ ଭିତରେ ଖୁବ୍ ସାହସ ଜନ୍ମାଇଥାଏ ହୃଦୟରେ । ପ୍ରେମର ଆରମ୍ଭ କେଉଁଠି ଆଉ ଅନ୍ତ ବି କେଉଁଠି ତାହା କହି ହୁଏନା । ଯଦି ପ୍ରତଶୃତିର ମୂଳଦୁଆ ଶକ୍ତ ଥାଏ ତେବେ ପ୍ରେମରେ ଗଢ଼ିଥିବା ବାଲିଘରଟା ନଅର ପାଲଟିଯାଏ । ସେହି ନଅରରେ ଶୋଭା ପାଉଥାଏ ପ୍ରେମୀର ଯୁଗଳ ମୂର୍ତି । ଲାଗୁଥାଏ ସପ୍ତମ ଋତୁର ସକାଳଟା କିଏ ଆଣି ଦେଇଛି । ମିଳନର ଆବାହନୀ ସଙ୍ଗୀତ କିଏ ଗାଉଛି । ଆଉ ବିଶ୍ୱାସର ଅର୍ଘ୍ୟ କିଏ ବାଢ଼ି ଦେଉଛି । ମିଳନର ଅଗଣାରେ ପ୍ରେମର ପ୍ରଦୀପ କିଏ ଜାଳିଦେଉଛି । ପ୍ରେମ ପାଖରେ ଜୀଇଥିଲେ କୁଡିଆ ବି ଲାଗେ ରାଜ ଉଆସ ପରି । ନୀରବ, ନିସଙ୍ଗ ମୂହୁର୍ତରେ ପ୍ରେମର ଗୁଣୁ ଗୁଣୁ ମନ୍ତ୍ର କିଏ ଆହ୍ଲାଦରେ ବସି ଗାଉଛି । ମନ ମାତାଲ ହେଉଛି । ସୁମଧୁର ସଙ୍ଗୀତର ଛନ୍ଦରେ ମନ ଝୁମି ଯାଉଛି । ଭଲପାଇବା, ବିଶ୍ୱାସ,ପ୍ରତିଶୃତିର କାଠିକୁଟା କୁ ଚଂଚୁରେ ଧରି ନୀଡ ତିଆରି କରିବାର ପ୍ରଚେଷ୍ଟା କରୁଛି । ବାଦଲ ଖୁସୀରେ ବରଷି ଯାଉଛି । ଝରଣା କଳକଳ ନାଦରେ ବହିଯାଉଛି । ଆକାଶରେ ଜହ୍ନ ଦେଖି କଇଁ ମୁକୁଳିତ ହୋଇପଡୁଛି । ଆହୁରି କେତେ କଣ । ଗଭୀର ଭାବନାରେ ମଜ୍ଜି ଯାଇଥିଲେ ସେମାନେ । ଆଗରେ ଦେଖାଯାଉଛି କଲେଜ ଠିକ୍ ମଝି ଦରିଆରେ ଜାହାଜକୁ ବତୀଘର ଦେଖାଯିବା ପରି ।

ଏହି କଲେଜ ଜୀବନଟା ତାଙ୍କ ମନକୁ ବାନ୍ଧିଛି ଏକାକାର କରି । କୁଆଡେ ଯିବେ ଜାଣନ୍ତିନି । କେଉଁଠି ତାଙ୍କର ବସାଘର ହେବ ସେ ବି ଅଛପା । ତଥାପି ଚାଲିଥାନ୍ତି ସେମାନେ ପ୍ରେମର ବଳିଷ୍ଠ ସାହାରାରେ । ପ୍ରେମର ରଙ୍ଗକୁ ଫିକା କରିପାରେନାହି ରୌଦ୍ରର ତାତି କି ଶୀତର କାକର । ଶ୍ରାବଣର ଝର କି ବୈଶାଖର ଝଂଜି । ପ୍ରେମ ସବୁବେଳେ ଚିରନ୍ତନ, ଶାଶ୍ୱତ । ସେଥିପାଇଁ ତ ସେମାନେ ସବୁ ବାଧା ବନ୍ଧନକୁ ଏଡାଇ, ବାଦ- ଅପବାଦକୁ ଏଡାଇ, ପାଦକୁ ପାଦ ମିଶାଇ ଚାଲିଛନ୍ତି ଆଗକୁ ଆଗକୁ ଖୁବ୍ ଆଗକୁ । ଦୁହେଁ ଭିନ୍ନ ଜାତିର । ଝିଅଟି ହିନ୍ଦୁ ଆଉ ପୁଅଟି ଅଣହିନ୍ଦୁ । ପ୍ରେମର ମଜ୍‌ବୁତ ଡୋରିରେ ଉଭୟଙ୍କର ମନ ବନ୍ଧା,ହୃଦୟ ଛନ୍ଦା ।

ଶାଶ୍ୱତୀ ପଢୁଥିଲା କଲେଜରେ । ବାପା ବ୍ୟାଙ୍କ ଅଫିସର । ଆସିଫ୍ ପଢ଼େ ଇନିୟରିଂ କଲେଜରେ । କଲେଜ ପରେ ଶାଶ୍ୱତୀ ଅପେକ୍ଷା କରେ କଲେଜ ବସକୁ ଆଉ ଆସିଫ୍ ତାର ଗତାନୁଗତିକ ଇନିୟରିଂ ବସକୁ । ସେହି ଅପେକ୍ଷାରେ ସେମାନଙ୍କର ନିତି ଦେଖା ସାକ୍ଷାତ ହୁଏ । ଶାଶ୍ୱତୀ ଅନିନ୍ଦ୍ୟ ସୁନ୍ଦରୀ ନ ହେଲେ ବି କଲେଜ ୟୁନିଫର୍ମରେ ବହୁତ ସୁନ୍ଦରୀ ଦେଖାଯାଏ ଆଉ ଆସିଫ୍ ତାର ଇନିୟରିଂ କଲେଜର ୟୁନିଫର୍ମ ସାଙ୍ଗକୁ କୋର୍ଟ, ଟାଇ, ବୁଟ୍ ପିନ୍ଧା ଚେହେରାରେ ଦେଖାଯାଏ ଖୁବ୍ ସୌମ୍ୟ ଆଉ ସ୍ମାର୍ଟ । ସେଦିନ ଥାଏ ଶାଶ୍ୱତୀ କଲେଜର ବାର୍ଷିକ ଉତ୍ସବ । ଶାଶ୍ୱତୀକୁ ଗୀତ ଗାଇବାର ଥିଲା । କାର୍ଯ୍ୟକ୍ରମ ସରିବା ବେଳକୁ ପାଖା ପାଖି ହୋଇଗଲାଣି ରାତି ସାଢ଼େ ସାତ । ଆଗରୁ ଆସିଫ୍‌କୁ କହିଥିବାରୁ କଲେଜ କ୍ଲାସ ସରିବା ପରେ ସେ ଯାଇଥିଲା ବାଇକ ନେଇ ତାକୁ ଆଣିବା ପାଇଁ । ସେଇଠାରେ ସେଦିନ ସନ୍ଧ୍ୟାରେ ଉଭୟେ ସାଙ୍ଗ ମାନଙ୍କ ନଜରରେ ଆସିଥିଲେ । କହୁ କହୁ କଥା ଛଳରେ ସାଙ୍ଗ ମାନେ କହିଦେଲେ- କିଲୋ ! ଲୁଚିଛି ନା ଗୋଡ ଦି'ଟା ଦିଶୁଛି । କୋଉ ଦିନଠାରୁ ମଜନୁ ଚକରରେ ପଡିଲୁଣି ? ସେ କୋଉ କଲେଜରେ ପଢୁଛି ମ ? ଆମକୁ ଜଣେଇଲେ ହୁଅନ୍ତାନି ? ଲାଜରେ ସିକୁଡି ଯାଇଥିଲା ଶାଶ୍ୱତୀ । ସତରେ ସେ ଭଲ ପାଇ ବସିଲାଣି ତ ଆସିଫ୍‌କୁ । ଗ୍ଭଲୁ ଗ୍ଭଲୁ ଝୁଂଟୁଛି, ଭାବୁ ଭାବୁ ହସୁଛି, କଥା କହୁ କହୁ ତା ଆଡେ ଖାଲି ଗ୍ଭହୁଁଛି, ତା ଚେହେରାରେ ଯେମିତି ଗୋଟା ପଣେ ବିମୋହିତ ହୋଇ ପଡୁଛି । ସତରେ ପ୍ରେମ କେତେବେତେଳ କାହା ସହିତ ହୁଏ, କେବେ ବା ହୁଏ, କେଉଁ ବୟସରେ ହୁଏ ଅବା କେଉଁ ଧର୍ମରେ ହୁଏ ତାହା କେହି ବି କହି ପାରେନା । ଥରେ ଏ ଖିଆଲି ମନ ଟାରେ ଭଲ ପାଇବାର ଚେହେରାଟା ଧରା ପଡିଗଲେ ତାକୁ ବାରମ୍ବାର ଦେଖିବାକୁ ମନେହୁଏ । ପ୍ରଗଲ୍ଭ ହୋଇଉଠେ ମନ ଓ ମସ୍ତିଷ୍କ । ଧୀରେ ଧୀରେ ଶରୀରର ଶିରା ପ୍ରଶିରାରେ ପ୍ରେମର ଦୃମ କାୟା ବିସ୍ତାର କରି ଚାଲିଥାଏ । ସେଦିନ ଆସିଫ୍ ଶାଶ୍ୱତୀକୁ ଘରେ ନେଇ ଛାଡିଲା । କିଛି ସମୟ ତାଙ୍କ ଘରେ ରହି ଫେରିଆସିଲା ।

ତା ପରେ ଧିରେ ଧିରେ ପ୍ରେମର କାୟା ବିସ୍ତାର କରି ମହାଦ୍ରୁମରେ ପରିଣତ ହେଲାଣି । ୟା ଭିତରେ ଶାଶ୍ୱତୀର ବି.ଏ ଶେଷବର୍ଷ । ଆଉ ଆସିଫର ବି. ଟେକ୍ ସରି ନୂଆ ନୂଆ ଇଷ୍ଟ୍ରକଟର ଭାବେ ଜଏନ୍ କରିଛି ଗୋଟିଏ ଇଂଜିନିଅରିଂ କଲେଜରେ । ଚାକିରୀର ବ୍ୟବସ୍ଥା କିଛି ହୋଇନାହିଁ । ସେଥିପାଇଁ ପ୍ରସ୍ତୁତି ଚାଲିଛି । ଯାହା ବି କଂପାନୀ ଚାକିରୀ ମିଳିଛି ତାହା ଓଡିଶାର ବାହାରେ । ଦରମା ସେତେ ଆଖିଦୃଶିଆ ନୁହେଁ । ମାତ୍ର ତିରିଶ ହଜାର । ତଥାପି ଗୋଟିଏ ଆଶ୍ୱାସନା ମିଳିଗଲା । ରହିଲା ବାହାଘର କଥା । ଉଭୟେ ଭିନ୍ନ ସଂପ୍ରଦାୟର ହୋଇଥିବାରୁ କାହା ଘରେ ବି ରାଜି ନ ଥିଲେ ଏ ବାହାଘରରେ ସମ୍ମତି ଜଣେଇବା ପାଇଁ । ତଥାପି ଆସିଫ ଯଥା ସମ୍ଭବ ବୁଝେଇବାକୁ ଚେଷ୍ଟା କରିଥିଲା ଘରର ସମସ୍ତ ସଦସ୍ୟ ମାନଙ୍କୁ ଅପେକ୍ଷା କରିଥିଲା କିଛି ଗୋଟିଏ ରାସ୍ତା ତ ବାହାରିବ । ତାହା ବି ହୋଇ ପାରିଲା ନାହିଁ ।

ସେପଟେ ଶାଶ୍ୱତୀ ଖୁବ୍ ଯନ୍ତ୍ରଣାର ସାମନା କରିଲାଣି । ନିସ୍ତୁକ ମାଡ ଖାଇ ଶରୀର ଜଖମ ହୋଇଗଲାଣି । ଘର ଭିତରୁ ଶୁଭୁଥାଏ ବୋଉର ଗାଳି-ପୋଡାମୁହିଁ ! ମରିଗଲୁନି ଟିକେ ବିଷ କି ଜହର ଖାଇ ? ଘରର ନାଁ ପକେଇବୁ ବୋଲି ବସିଛୁ ? ଗୋଟାଏ ଅଧର୍ମ କାମ କରିବାକୁ କେମିତି ତୋର ମନ ବଳେଇଲା ? ଟିକିଏ ଭାବିଲୁନାହିଁ ୟାର ପରିଣାମ ଶେଷକୁ କଣ ହେବ ବୋଲି ? ପଡିଶା ଘରର ଶ୍ୟାମ ଦାଦା ଦୌଡିଆସି ତଲୁ ଟେକି ଧରିଲେ । କଣ ପାଇଁ ତାକୁ ଏତେ ଦଣ୍ଡ ଦେଉଛ ଶାଶ୍ୱତୀ ବୋଉ ? ଦଣ୍ଡ ଦେଲେ କଣ ଭଲ ପାଇବା କମିଯିବ ଜଣକ ମନରୁ ? ତା ଛଡା ସେ ତ କିଛି ଅପରାଧ କରିନି ? ମାଆ କହିଲେ- ତମେ କହୁଛ ଅପରାଧ କରିନି ? ଗୋଟାଏ ମୁସଲମାନ ପୁଅଟା ସହିତ ବାହାହେବ ସମାଜରେ ଲୋକ ଆମକୁ ଚଳେଇ ଦେବେଟି ? ତମେ କେମିତି କହୁଛ ବା କିଛି ଅପରାଧ କରିନି ବୋଲି ? କଲେଜରେ ପାଂଚ ବରଷ ପଢ଼ି ଶେଷକୁ କଣ ଏଇୟା ଶିଖିଲା ? ନା, ନା ଆମ ଦ୍ୱାରା ଏସବୁ କିଛି ହୋଇପାରିବନି । ସିଏ ପୋଡାମୁହିଁ ମରୁ ପଛକେ ଆମେ ଏସବୁ କାନେ ନ ଶୁଣିଲା କଥା କରି ପାରିବୁନି କି ସହି ପାରିବୁନି ।

ସେଦିନ ଶ୍ୟାମଦାଦା ବି ନିଜ ଝିଅ ପରି ବୁଝେଇଥିଲେ ବହୁତ କଥା । ଘର ଲୋକଙ୍କର କଥା ମାନିଯା ଝିଅ । ନିଜ ଧର୍ମର ମାନ ରଖି ଘର ଲୋକେ ଯେଉଁଠାରେ ଠିକ କରିବେ ସେହି ଠାରେ ବାହା ହୋଇଯା । ଏବେ ତୁ ଖୁବ୍ ଛୋଟ । କଲେଜରେ ସିନା ପଢ଼ିଲୁଣି ହେଲେ ତୋର ବୟସ ହୋଇନି ଆହୁରି ଦୁନିଆର କଥା ବୁଝିବାକୁ । ଛୋଟ ବୟସରେ ଯୋଉ କାମ ଆମେ ବୁଝି ନ ବୁଝି କରୁଛେ ବଡ ଦିନକୁ ତାହା ଖୁବ୍ ଯନ୍ତ୍ରଣାର ଦିନ ହୋଇ ଠିଆ ହୁଏ । ସେତେବେଳେ ଅନୁତାପ କଲେ ଆଉ ପଛଦିନ ଫେରି ଆସେନି କି ହଜିଥିବା ସମୟ ବାହୁଡି ଆସେନାହିଁ । ଯେତେ ବୁଝେଇଲେ ବି ଶାଶ୍ୱତୀ ର ମନ ଅବୁଝା ରହିଗଲା । କେମିତି ସେ ପୋଛିଦେବ ମନ ହୃଦୟରୁ ପ୍ରେମର ରଂଗ । ଜଣକୁ କଥାଦେଇ ସାରିଲା ପରେ ସେ ସ୍ଥାନରେ ଆଉ ଜଣକର କଳ୍ପନା କେମିତି ବା କରିବ ? ସେ କଣ ପାରିବ ? ନା ସେ ପାରିବ ନାହିଁ ? ଆସିଫ୍‌କୁ ଭୁଲି ପାରିବ ନାହିଁ ।

ତା ପରେ ସେ ଦୁହେଁ ନିଷ୍ପତି ନେଲେ ଘର ଛାଡିବାର । ଆଜି ଠିକ୍ ବର୍ଷେ ପୂରିଛି ସେମାନଙ୍କର ବାହାଘରକୁ । ନୂଆ ନୂଆ ବାହାଘର ବେଳେ ଶାଶ୍ୱତୀକୁ ସବୁକିଛି ଭଲ ଲାଗୁଥିଲା । ସବୁ କଥା ପ୍ରେମମୟ ଲାଗୁଥିଲା ଏବେ କିନ୍ତୁ ଚାଲି ଚଳନ, ଖାଦ୍ୟ ପଦାର୍ଥ, ବେଶଭୂଷା ଆଉ ସଂସ୍କୃତି ସବୁ କେମିତି ଅଡୁଆ ଲାଗୁଥିଲା ଶାଶ୍ୱତୀକୁ । ତଥାପି ଆଡଜଷ୍ଟ କରିବାକୁ ଚେଷ୍ଟା କରୁଥିଲା । ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ ? ନିଜ କଲା କର୍ମମାନ ଆଗୁ ହୋଇବ ସାବଧାନ । ପଡିଶା ଘରର ବୋହୂଟିକୁ ଦେଖିଦେଲେ ମନେହୁଏ ଖୁବ୍ ସଜେଇ ହେବାକୁ । ଓଠରେ କୃଷ୍ଣଚୂଡ଼ାର ରଂଗ, ସିନ୍ଥିରେ ସାଧବ ବୋହୂର ସିନ୍ଦୂର, ହାତରେ ରକ୍ତ ରଂଗର ବଳୟ, ପାଦରେ ରୁଣୁଝୁଣୁ ନୂପୁର । ସାରା ଅଙ୍ଗ ସୈଷ୍ଟବରେ ଭରି ଦେବାକୁ ନୂଆ ପୁଲକ । ପାରେନାହିଁ । ଧର୍ମର

ଦୋ-ଛକିରେ ତା ପ୍ରେମ । ନିଷିଦ୍ଧ ହୋଇପଡିଛି ମାଆର ମମତା, ନିଜର କରି ପାରୁନି ନୈତିକ ପ୍ରଥା । ପ୍ରେମର ସେତୁବନ୍ଧ ଉପରେ ଚଢ଼ି ପରଖୁଥାଏ ଅତୀତର ବିହଙ୍ଗମ ସମ ଜୀବନ ଆଉ ଏବେକାର ଜୀବନ । ବାପା, ମାଆ କେହି ଟିକେ ନିଜର କରିଲେନି କି ଶ୍ୱଶୁର ଘର ଲୋକ ବି ନିଜର କରିପାରିଲେ ନାହିଁ । ମଝି ନଈରେ ଠିଆ ହୋଇ ଅନୁତାପ କରୁଥିଲା ତା ପାଇଁ ଦୁଇ ପରିବାରର ସଂପର୍କ କିପରି ଛିନ୍ନ ହୋଇଗଲା ଠିକ୍ ପୂର୍ବ ଆଉ ପଶ୍ଚିମର ଦିଗବଳୟ ପରି । ଘରର କୋଣ ଅନୁକୋଣରେ ସେ ଏବେ ଜାଗା ଟିକିଏ ଖୋଜୁଛି ଲୁହରେ ପୋଛିଦେବାକୁ ତା ମନର ଅନ୍ତର୍ଦାହକୁ ।

+ଗଙ୍ଗନଗର, ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪



# ବଞ୍ଚିବାର ରାହା

ସୁଦର୍ଶନ ମହାପାତ୍ର



ଖୁବ୍ ରୋଜଗାର, ବିଳାସ ବ୍ୟସନ ଏବଂ ସର୍ବୋପରି ପିଲାମାନଙ୍କ ପାଶ୍ଚାତ୍ୟ ଶିକ୍ଷା ଲାଭ ନିଶାରେ ଜନ୍ମଭୂମି ଏବଂ ବାପା ମା'ଙ୍କୁ ଛାଡି ତନ୍ମୟ ଏବେ ଆମେରିକାରେ ରହେ । ସପ୍ତାହଟିଏ ପାଇଁ ଆସିଥିଲା କିଛି ଜରୁରୀ କାମରେ । ସେଠାକୁ ଫେରିଯିବା ଆଗରୁ ଫ୍ଲାଟରେ ଭଡାରେ ରହିଥିବା ବିମଳକୁ ତାଗିଦ୍ କରି ବାକି ଥିବା ଦୁଇ ମାସର ଭଡା ଆଦାୟ କରି ନିଜ ପାରଦର୍ଶିତା ଦେଖାଇଲା ବାପାଙ୍କୁ ।

-ଜାଣିଲ ବାପା, ତୁମେ ଏତେ ସରଳ ହେଲେ ଏ ସମୟରେ ଚଳିବନି । ଟିକିଏ ଟାଣ ନ ହେଲେ ଭଡା ଆଦାୟ କରିପାରିବନି ଏ ଗାଲୁଆ ଭଡାଟିଆଙ୍କଠାରୁ ।

ବୈକୁଣ୍ଠ ବାବୁ ପ୍ରମାଦ ଗଣିଲେ । ବିମଳର ଆର୍ଥିକ ଅବସ୍ଥା ଭଲ ନାହିଁ ଏବେ । ତା ବାପାଙ୍କର କର୍କଟ ରୋଗର ଚିକିତ୍ସା ପାଇଁ ଅନେକ ପଇସା ଖର୍ଚ୍ଚ କରିବାକୁ ପଡ଼ିଥିଲା । ବାପାଙ୍କୁ ବମ୍ବେ ଭଳି ସହରକୁ ନେଇ ଚିକିତ୍ସା କରେଇବାରେ ନିଜ କର୍ମକ୍ଷେତ୍ର ପାଇଁ ସମୟ ଦେଇପାରି ନଥିବାରୁ କଂପାନୀରୁ ଚାକିରି ହରେଇବାକୁ ପଡିଛି । ହେଲେ ସବୁ ଚେଷ୍ଟା ତା'ର ବ୍ୟର୍ଥ ହୋଇଗଲା । ବାପାଙ୍କ ମୃତ୍ୟୁ ପରେ ପୁଣି ଯଥାବିଧି କ୍ରିୟାକର୍ମ ପାଇଁ ଆହୁରି ଖର୍ଚ୍ଚ କରିବାକୁ ପଡ଼ିଥିଲା ବିଚରାକୁ । ସେଇଥିପାଇଁ ତ ସେ ଭଡା ଦେଇ ନପାରି ଆଉ ଗୋଟିଏ ଚାକିରି ପାଇବା ପର୍ଯ୍ୟନ୍ତ ସମୟ ମାଗିଥିଲା । ବୈକୁଣ୍ଠ ବାବୁ ସବୁ ଘଟଣା ବୁଝି ବିମଳ କଥାରେ ସମ୍ମତି ପ୍ରଦାନ କରିଥିଲେ ।

ଦୁଇ ଦିନ ପରେ ତନ୍ମୟ ଫେରି ଯାଇଥିଲା ତା'ର କର୍ମଭୂମିକୁ । ବିମଳର ପୁଅ କୁନା କଥା ଖୁବ୍ ମନେ ପଡିଲା ବୈକୁଣ୍ଠ ବାବୁଙ୍କର । ସପ୍ତାହେ ହେବ ଯାଇ ନାହାନ୍ତି ତା ପାଖକୁ । ତା ପାଟିରୁ ଜେଜେ ଜେଜେମା ଶବ୍ଦ ଶୁଣିଲେ ଖୁବ୍ ଭଲ ଲାଗେ । ବୈକୁଣ୍ଠ ବାବୁ ସସ୍ତ୍ରୀକ ପହଞ୍ଚିଗଲେ ବିମଳ ରହୁଥିବା ଫ୍ଲାଟରେ । ସେମାନେ ଅନେକ କିଛି ପରିବର୍ତ୍ତନର ଆଭାସ ପାଉଥିଲେ ସେଠାରେ । ସୋଫା ଏବଂ ଡାଇନିଂ ଟେବୁଲ୍ ନଥିଲେ ସେମାନଙ୍କ ଜାଗାରେ । ଭିତରକୁ ଚାହିଁ ଦେଖିଲେ ଖଟ ବି ନଥିଲା । ସର୍ବୋପରି ବିମଳର ପତ୍ନୀ ବେକରେ, କାନରେ ଥିବା ଗହଣା ସବୁ ଉଭାନ ହୋଇ ଯାଇଥିଲେ ଏଇ ସମୟ ମଧ୍ୟରେ । ସ୍ୱତଃ ପ୍ରବୃତ୍ତ ଭାବରେ ବୈକୁଣ୍ଠ ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା । ବିମଳର ଘର ଭଡା ପୈଠ କରିବାର ଉତ୍ସକୁ ଅଚିରେ ବୁଝି ପାରିଲେ ସେ । ଦୁଃଖରେ ମ୍ରିୟମାଣ ହୋଇପଡିଲେ ଦୁହେଁ ।

-'ଜାଣିଲ ଜେଜେ, ବାବା ମୋ ଜନ୍ମଦିନରେ ଏଥର ନୂଆ ଡ୍ରେସ୍ ଆଣିବେନି ବୋଲି କହୁଛନ୍ତି । କେକ୍ ବି ଆସିବନି ବୋଲି ମାମା କହୁଛି । ତୁମେ ଗାଳି ଦିଅ ସେମାନଙ୍କୁ ।' କାନ୍ଦ କାନ୍ଦ ସ୍ୱରରେ କହିଲା କୁନା ।

-'କାହିଁକିନା, ମୁଁ ଏଥର ସେସବୁ ତୋ ଜନ୍ମଦିନରେ ଆଣିବି ବୋଲି ତୋ ବାବା ମାଙ୍କୁ କହି ଦେଇଛି... ।' କୁନା ହାତକୁ ଚକୋଲେଟ ବଢେଇ ଦେଇ କହିଲେ ବୈକୁଣ୍ଠ ବାବୁ । କୁନା ମୁହଁରେ ଏଥର ଲକ୍ଷେ ପାରିଜାତର ହସ ଉକୁଟି ଉଠିଲା । ଜେଜେ ମା ଙ୍କ କୋଳରେ ବସି 'ଏତେଦିନ କାହିଁକି ଆସୁନଥିଲ' ବୋଲି ଏଥର ଅଭିଯୋଗ ବାଢିଲା କୁନା ।

-'ତୁମେ ଆମ ପାଖରେ ଆସି ରହିଲେ ଭଲ ହୁଅନ୍ତା' କୁନାର କଥାରେ ସରିତା ଦେବୀଙ୍କ ଆଖିରୁ ଲୁହ କେଇ ବୁନ୍ଦା ଖସି ପଡିଲା ।

ନିଜ ବ୍ୟାଙ୍କ୍ ଆକାଉଣ୍ଟରେ ପୁଣି ଗୋଟିଏ ମାସର ଭଡା ଟଙ୍କା ଡିପୋଜିଟ୍ ହୋଇ ନଥିବାରୁ ତନ୍ମୟ ଫୋନ୍ କରି ସେ ଭଡାଟିଆ ଲୋକକୁ ବାହାର କରି ଦେବାକୁ ବାପାଙ୍କୁ ପରାମର୍ଶ ଦେଲା । ଦୁଇ ମାସର ଆଡଭାନ୍ସ ପଇସା କଟିଗଲେ ଫ୍ଲାଟ ଛାଡି ଦେବାକୁ ମୁଁ କହିଦେବି ବୋଲି, ବୈକୁଣ୍ଠ ବାବୁ ପୁଅକୁ ସାନ୍ତ୍ୱନା ଦେଲେ । ହେଲେ କରୋନା ସମୟରେ ଛଅ ସାତ ମାସ ଫ୍ଲାଟ ଖାଲି ପଡିଲା । ବିମାନ ସେବା ଆରମ୍ଭ ହେବାର କିଛି ଦିନ ପରେ ତନ୍ମୟ ଆସିଲା ଘରକୁ । ନିଜ ଘରର ଉପର ମହଲାରେ ସପରିବାର ବିମଳକୁ ଦେଖି ଆଚମ୍ବିତ ହୋଇଗଲା ।

-'ଆମେ ଦୁହେଁ କରୋନାରେ ପୀଡିତ ଥିଲାବେଳେ ବିମଳ ଆଉ ବୀଣା ଆସି ସାହାଯ୍ୟ କରି ନଥିଲେ ତୁ ଏବେ ଆମକୁ ଆସି ଦେଖି ପାରିଥାନ୍ତୁ କି ନା କେଜାଣି !' ବାପାଙ୍କ କଥାରେ ତନ୍ମୟ ତୁନି ପଡିବାକୁ ବାଧ ହେଲା ସିନା ମୁଖଭଙ୍ଗୀରେ ନିଜର ଅଶାନ୍ତି ପ୍ରକାଶ କରୁଥିବା କଥା ବୁଝି ପାରିଲେ ବୈକୁଣ୍ଠ ବାବୁ ।

-'ଫ୍ଲାଟଟା ତୁ ତୋ ପଇସାରେ କିଣିଥିଲୁ । ତୁ କାହାକୁ ଭଡାରେ ରଖିବୁ ନରଖିବୁ ତୋ ଉପରେ ନିର୍ଭର କରେ । ଏଇ ନେ, ତୋ' ଫ୍ଲାଟର ଚାବି । ହେଲେ ଏଇ ଘରଟା ମୁଁ ତିଆରି କରିଛି । ଆଉ ଅନାଥାଶ୍ରମରୁ ତୋତେ ଆଣି ମୁଁ ପରିବାର ଗଢିଛି । ବିମଳର ବାପା ମା ଆଉ ଇହ ଜଗତରେ ନାହାନ୍ତି । ଆଉ ଏବେ କୁନା ସହିତ ଆମ ଦୁହିଁଙ୍କର ସମୟ ଖୁସିରେ କଟିଯାଉଛି । ବିମଳ ଏବେ ତୋ ଭଳି ଆମର ଆଉ ଗୋଟିଏ ପୁଅ ଆଉ କୁନା ଆମର ନାତି । ସେମାନେ ଆମର ବଞ୍ଚିବାର ରାହା ଏବେ । ତେଣୁ ସେମାନେ ମୋ ଘରେ ରହିଲେ ତୋର କିଛି ଆପତ୍ତି କରିବାର ନାହିଁ ।' ବହୁ ଦିନରୁ କହିବାକୁ ଥିବା କଥାକୁ ଏକା ନିଃଶ୍ୱାସକେ କହି ଟିକିଏ ଦମ୍ଭ ମାରିଲେ ବୈକୁଣ୍ଠ ବାବୁ ।

ବାପା ମା'ଙ୍କୁ ବିସ୍ଫାରିତ ଆଉ ଛଳଛଳ ଆଖିରେ ଚାହିଁ ରହିଥିଲା ତନ୍ମୟ ଏବଂ ଅନୁତାପସିକ୍ତ ଲୁହ କେଇ ଟୋପା ଖସି ପଡିଲେ ତା' ଆଖିରୁ..!!!

+କୁଞ୍ଜବିହାରୀ ଲେନ,
କଟକ

# କିଛି ତ ଅଛି

ସୁନନ୍ଦା ମହାନ୍ତି





ବାଟ ଚାଲୁ ଚାଲୁ ଅନେକ ପଥିକ ମିଳିଯାଏ ବାଟୋଇକୁ । କିଏ ସ୍ମୃତି ହୋଇ ରହିଯାଏ ମନରେ କିଏ ହୃଦୟରେ । ସେମିତି ଜଣେ ସେ ପ୍ରେମ ଦିଦି । ପୁଅ ଜନ୍ମ ହେବାର ପ୍ରାୟ ଚାରିବର୍ଷ ପରେ ଝିଅ ହେବା ପରେ ଫାମିଲି ପ୍ଲାନିଂ ଅପରେସନରେ ସେ ମତେ ସାହାଯ୍ୟ କରିଥିଲେ, କିଛି ଦିନର ବନ୍ଧୁତା ଭିତରେ ମୋ ଠାରୁ ସ୍ୱେଟର ବୁଣିବା ଶିଖିବାକୁ ଆସନ୍ତି ପ୍ରେମ ଦିଦି । ତାଙ୍କର ଦୁଇଟି ପୁଅ । ସାନ ପୁଅ ପ୍ରାୟ ମୋ ପୁଅର ସମସାମୟିକ ତ କହନ୍ତି ତୁମ ଝି କୁ ସାନ ପୁଅ ପାଇଁ ବୋହୂ କରିନେବି । ତା ପରେ ପରେ ତାଙ୍କର ବଦଳି ହୁଏ ଅନ୍ୟ ହସ୍ପିଟାଲକୁ ଆଉ ମୁଁ ପାଏ ଶିକ୍ଷୟିତ୍ରୀ ଚାକିରୀ ।

ଅନେକ ବର୍ଷ ପରେ ଠିକ ଝିଅର ବାହାଘର ଦିନ ଅତିଥିମାନଙ୍କ ଭିତରେ ପ୍ରେମ ଦିଦିଙ୍କୁ ଆବିଷ୍କାର କରି ମୁଁ ଯେତିକି ଆଶ୍ଚର୍ଯ୍ୟ ହୁଏ ତାଙ୍କ କଥା ସେତିକି ବିସ୍ମିତ କରେ । ସେ କହୁଥିଲେ ଆରେ ତୁମ ଝିଅକୁ ମୁଁ ବୋହୂ କରିବି କହିନଥିଲି, ବୋହୂ କରି ନେବାକୁ ବରଯାତ୍ରୀରେ ଆସିଛି । ହସ ହସ ମୁହଁରେ ତାଙ୍କୁ ଚାହିଁଥିଲି ମୁଁ, ଆଉ ପଚାରିଥିଲି ତାଙ୍କ ବାବୁ ଓ ଦୁଇ ପୁଅଙ୍କ କଥା, ସେ କିନ୍ତୁ ମୋ ପ୍ରଶ୍ନର ଉତ୍ତର ବଦଳରେ କହିଥିଲେ ମୋ ବଡ଼ ପୁଅର ବୋହୂର ମାମୁଁ ପୁଅ ଭାଇ ତୁମ ଜୋଇଁ । ହେଲାନି ତୁମ ଝିଅ ମୋ ବୋହୂ । ହସିଥିଲି ମୁଁ । ଖାଇପିଇ ଖୁସିରେ ଫେରିଥିଲେ ସେମାନେ ମୋ ଝିଅକୁ ନେଇ ବାହାଘର ସରିବା ପରେ । ମୁଁ ମୋ ସ୍ୱାମୀଙ୍କୁ ସବୁକଥା କହିଥିଲି, ହେଲେ ସେ ପଚାରୁଥିଲେ ପ୍ରେମ ଦିଦି କିଏ ?

ଝିଅ ଘର ପଟ ଗୋଟେ ବାହାଘରରେ ମୋ ସ୍ୱାମୀ ଚିହ୍ନିଲେ ପ୍ରେମ ଦିଦି ଓ ତାଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କୁ । ଆମ ଝିଅର ପିଇସୀ ଶାଶୁଙ୍କ ସମୁଦୀ ସମୁଦୁଣୀ ଥିଲେ ପ୍ରେମ ଦିଦିଙ୍କ ସ୍ୱାମୀ ଓ ପ୍ରେମ ଦିଦି । ଲିଭି ଲିଭି ଆସୁଥିବା ସମ୍ପର୍କ ପୁଣି ମଜଭୂତ ହେଲା । ଅନେକ ଥର ଅନେକ ବାହାଘରରେ ମିଳନ ଓ ବିଚ୍ଛେଦ ଭିତରେ ପ୍ରେମ ଦିଦିଙ୍କ ପୁରୁଣା ସ୍ମୃତି ତାଜା ହୋଇଗଲା ନୂଆ ରୂପରେ ନୂଆ ଢଙ୍ଗରେ ।

ସେଦିନ ଲାଇଟ ଲିଭାଇ ଶୋଇବା ପରେ ପରେ କିଛି ଗୋଟେ ଶବ୍ଦ ମତେ ଅଣନିଶ୍ୱାସୀ କଲା । ସ୍ୱାମୀ ମଶା ହୋଇଥିବ କହି ଶୋଇଯାଅ କହିଲେ ମଧ୍ୟ ମୋ ମନ ମାନୁନଥିଲା । ଉଠି ବସି ଲାଇଟ ଦେଲି । ଚେମେଣୀଟିଏ ଘର ସାରା ଇତସ୍ତତଃ ବୁଲୁଛି । କେମିତି ପଶିଲା କୋଉଠୁ ଆସିଲା ପ୍ରଶ୍ନକୁ ଗୁରୁତ୍ୱ ନଦେଇ ସ୍ୱାମୀ ଘର ଅନ୍ଧାର କରି ଝରକା କବାଟ ଖୋଲି ଦେବାକୁ କହିଥିଲେ । ସେପରି କରିଥିଲେ ମଧ୍ୟ ଚେମେଣୀ ଯାଉନଥିଲା ସହଜେ । ରାତି ବାର ସେତେବେଳକୁ । ବାଧ ହୋଇ ପୁଣି ଝରକା କବାଟ ବନ୍ଦ କରି ଲାଇଟ ଲଗାଇ ଶୋଇଲି । ଚେମେଣୀର ଇତସ୍ତତଃ ଭ୍ରମଣ ଆଉ ନଥିଲା ତ ପୁଣି ଲାଇଟ ଲିଭାଇ ଶୋଇବାକୁ ଯାଇ ଭାବିଲି ଅଶୁଭ ସଂକେତ ଏହା । ସ୍ୱାମୀ ବିରକ୍ତ ହୋଇ କହୁଥିଲେ ସେ ୟୁଟ୍ୟୁବରେ ବାଜେ ଭିଡ଼ିଓ ଦେଖି ମୁଣ୍ଡ ଖରାପ କରନି । ତାଙ୍କ ବିରକ୍ତିରେ ଶୋଇଗଲି ସତ ହେଲେ ସକାଳୁ ଝିଅ ଫୋନ କରି କହୁଥିଲା, ଗତକାଲି ବାରଟା ରାତିରେ, ତୋ ପ୍ରେମ ଦିଦିଙ୍କ ସ୍ୱାମୀ ହାର୍ଟ ଅଟାକ୍‌ରେ ଚାଲିଗଲେ ।

+ ସାକ୍ଷୀଗୋପାଳ,ପୁରୀ
ମୋ: ୭୦୦୮୯୪୨୨୧୫

# ଜେଏସପି ଫାଉଣ୍ଡେସନ ଦ୍ୱାରା ବଡ଼ବିଲଠାରେ ଅତ୍ୟାଧୁନିକ ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ

ଚମ୍ପୁଆ, ୫/୦୨ (ନି.ପ୍ର): ଗ୍ରାମାଚଂଳ ତଥା ଆଦିବାସୀ ଅଂଚଳର ଲୋକଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଶାଖା, ଜେଏସପି ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲା, ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ଠାରେ ଏକ ଅତ୍ୟାଧୁନିକ ହସ୍ପିଟାଲ, 'ଜିନ୍ଦଲ ଆରୋଗାମ ହସ୍ପିଟାଲ'ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଜେଏସପି ଅଧକ୍ଷ ନବୀନ ଜିନ୍ଦଲ ଏବଂ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ ଶ୍ରୀମତୀ ଶାଲୁ ଜିନ୍ଦଲ ଭୂମି ପୂଜନ କରି ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଡାକ୍ତରଖାନା ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ସହ ଲୋକମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇଦେବ।

ଏହି ଅବସରରେ ଶ୍ରୀ ଜିନ୍ଦଲ କହିଛନ୍ତି, "ଲୋକଙ୍କ ଉନ୍ନତ ମାନର ଜୀବନଧାରଣ ତଥା ସ୍ୱାସ୍ଥ୍ୟ ଜାତୀୟ ବିକାଶ ପାଇଁ ଏକ ପ୍ରମୁଖ ଆବଶ୍ୟକତା । ସୁସ୍ଥ ସମାଜ ଗଠନ ପାଇଁ ଏହି ଡାକ୍ତରଖାନା ଆମର ଏକ ପ୍ରମୁଖ ପ୍ରୟାସ"। ସେ ଆହୁରି ମଧ କହିଛନ୍ତି ଯେ, ସ୍ୱାଭାବିକ ଭାବେ ସୁସ୍ଥ ରହିବା ପାଇଁ ତାଜା ପୁଷ୍ଟିକର ଖାଦ୍ୟ ଓ ନିୟମିତ ବ୍ୟାୟାମ ନିହାତି ଦରକାର ।

ସମାବେଶକୁ ସମ୍ବୋଧିତ କରି, ଶ୍ରୀମତୀ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଆରୋଗ୍ୟମ୍ ହସ୍ପିଟାଲ୍ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସ୍ଥାନୀୟ ଲୋକଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବ। ଏହା ଉନ୍ନତ ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଇଁ ସହଜ ଏବଂ ସୁଲଭ କରିବ"। ଏହି ହସ୍ପିଟାଲ ସମଗ୍ର ଦେଶର ଗରିବ ଓ ଅସହାୟ ଲୋକଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଏବଂ ଚିକିତ୍ସା ସୁବିଧା ଯୋଗାଇବ ବୋଲି ସେ କହିଛନ୍ତି। ଆରମ୍ଭ ହେବାକୁ ଥିବା ଏହି ହସ୍ପିଟାଲରେ ୧୯ ଟି ଶଯ୍ୟା ରହିବ ଏବଂ ସର୍ଜରୀ, ସ୍ତ୍ରୀ ରୋଗ ଏବଂ ପେଡିଆଟ୍ରିକ୍ସ, ମେଡିସିନ୍ ର ବିଶେଷ ବିଭାଗରେ ନିୟମିତ ଚିକିତ୍ସା ସେବା ଯୋଗାଇ ଦିଆଯିବ। ପରାମର୍ଶ ଏବଂ ଚିକିତ୍ସା ପାଇଁ ହୃଦ୍ରୋଗ, ଦନ୍ତ ଚିକିତ୍ସା, ଅର୍ଥୋପେଡିକ୍ସ, ଗ୍ୟାଷ୍ଟ୍ରୋ ଏଂଟେରୋଲୋଜି ଏବଂ ଚକ୍ଷୁ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ପରିଦର୍ଶନ ମଧ ଉପଲବ୍ଧ ହେବ। ହସ୍ପିଟାଲରେ ଆଧୁନିକ କାର୍ଯ୍ୟକ୍ଷମ ଡାଇଗ୍ନୋଷ୍ଟିକ୍ ଏବଂ ପାଥୋଲୋଜିକାଲ୍ ସୁବିଧା ଉପଲବ୍ଧ ହେବ। ଲୋକମାନେ ଏକ୍ସ-ରେ, ଇସିଜି, ଇକୋ, ଟିଏମଟି, ଅଲଟ୍ରାସୋନୋଗ୍ରାଫି ଏବଂ ପାଥୋଲାବ ଏବଂ ଅନ୍ୟାନ୍ୟ ଆଧୁନିକ ସେବା ପାଇପାରିବେ। ବଡ଼ବିଲ ପେଲେଟ ପ୍ଲାଂଟ ଏବଂ କାସିଆ ଆଇରନ୍ ଖଣିର ପାରିପାର୍ଶ୍ୱିକ ଗ୍ରାମଗୁଡିକର ସମସ୍ତ ଅଭାବୀ ଲୋକଙ୍କୁ ମାଗଣା ପରାମର୍ଶ ଏବଂ ଚିକିତ୍ସା ସେବା ଯୋଗାଇ ଦିଆଯିବ।

ଏହି ଅବସରରେ ଚମ୍ପୁଆ ବିଧାୟିକା ଶ୍ରୀମତୀ ମୀନାକ୍ଷୀ ମହନ୍ତ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, କୃଷି ଏବଂ କ୍ରୀଡା ଏବଂ ସଂସ୍କୃତି କ୍ଷେତ୍ରରେ ସିଏସଆର କାର୍ଯ୍ୟକ୍ରମ ପାଇଁ ଜେଏସପିକୁ ପ୍ରଶଂସା କରିଥିଲେ ଏବଂ ବଡ଼ବିଲରେ ଏକ ଗୁଣାତ୍ମକ ଆଧୁନିକ ହସ୍ପିଟାଲର ପଦକ୍ଷେପକୁ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ବଡ଼ବିଲରେ ଜେଏସପି ଦ୍ୱାରା ଲୋକମାନଙ୍କର ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ମୁଖ୍ୟତ ଆଦିବାସୀ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ନିଆଯାଉଥିବା ସବୁ ପଦକ୍ଷେପ ପାଇଁ ଅଧକ୍ଷ ନବୀନ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ। ଏହି ଅଂଚଳର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ଏକ ଆଧୁନିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଫାଉଣ୍ଡେସନର ପଦକ୍ଷେପକୁ ସେ ଗଭୀର ପ୍ରଶଂସା କରିଥିଲେ।

ଆଶିଷ ପାଣ୍ଡେ, ମୁଖ୍ୟ - ପେଲେଟ ଓ ଆଇରନ୍ ଓର ବିଜିନେସ, ଜେଏସପି ଧନ୍ୟବାଦ ଅର୍ପଣ କରିବା ସହ ବଡ଼ବିଲ, ଜୋଡା ଏବଂ ଚମ୍ପୁଆର ପ୍ରତ୍ୟେକ ବାସିନ୍ଦା ଏବଂ ସରକାରୀ ଅଧିକାରୀଙ୍କ ନିକଟରୁ ଏହି ଡାକ୍ତରଖାନା ନିର୍ମାଣ ଏବଂ ପରିଚାଳନା ପାଇଁ ସହାୟତା ମାଗିଥିଲେ।

ଜେଏସପିର ବଡ଼ବିଲ ୟୁନିଟ୍ ମୁଖ୍ୟ, ଏମ୍.ଡି. ପୁରୁଷୋତମ, ଅଜିତ କୁମାର ପାତ୍ର, କାସିଆ ଆଇରନ୍ ମାଇନ୍ସ, ମୁଖ୍ୟ, ମାନବସମ୍ବଳ ବିଭାଗ ମୁଖ୍ୟ, ଶରତ କିଶୋର ପଣ୍ଡା ଓ କମ୍ପାନୀର ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ସମାରୋହ ଆୟୋଜନ କରିବାରେ ସମର୍ଥନ ଯୋଗାଇ ଦେଇଥିଲେ । କମ୍ପାନୀର ସଭାପତି ତଥା ସିଏସଆର୍ ମୁଖ୍ୟ ଏବଂ କର୍ପୋରେଟ୍ ଯୋଗାଯୋଗ ବିଭାଗ ମୁଖ୍ୟ - ଓଡିଶା, ପ୍ରଶାନ୍ତ ହୋତା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗରେ ବିଜେପି ପକ୍ଷରୁ ଧାରଣା ପ୍ରଦର୍ଶନ

ବଲାଙ୍ଗୀର, ୫/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ବିରୁଦ୍ଧରେ ବିଜେପି ପକ୍ଷରୁ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରେ ଗତକାଲି ଓ ଆଜି ଧାରଣା ଦିଆଯାଇ ଥିଲା। ବିଜେପି ପକ୍ଷରୁ କୁହାଯାଇଛି ଯେ, ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରବଳ ଅନିୟମିତତା ଦେଖାଦେଉଛି। ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ରାଜ୍ୟ ସରକାର ତଥା ବିଜେଡି ନେତାଙ୍କ ଇଙ୍ଗିତରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଘର ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହେଉଛି। ବିଜେପି ଦଳ ପୂର୍ବରୁ ମଧ ଏହାକୁ ତିବ୍ର ବିରୋଧ କରି ଆସିଛି। ପ୍ରଧାନମନ୍ତ୍ରୀ ଗରିବଙ୍କୁ ବାସ ଯୋଗାଇ ଦେବା ପାଇଁ ସଦା ତତ୍ପର ରହିଛନ୍ତି । ସେହି ଉଦ୍ଦେଶ୍ୟରେ ରାଜ୍ୟର ଦାବୀରୁ ୧ ଲକ୍ଷ ଅଧିକ ଘର ପ୍ରଦାନ କରିଥିବା ସତ୍ୱେ ଅଯୋଗ୍ୟ ଏହାକୁ ମାଡି ବସିଛନ୍ତି। ପ୍ରଶାସନ ୭ ଦିନ ମଧ୍ୟରେ ଏହି ତାଲିକାର ପୁନଃ ତର୍ଜମା କରି ଅଯୋଗ୍ୟଙ୍କୁ ତାଲିକାରୁ ବାଦ ନଦେଲେ ବିଜେପି ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ଦଳ ତରଫରୁ ଆଜି ବଲାଙ୍ଗିର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇ କୁହାଯାଇଛି।

## ୫ଟି ବିକାଶ ମୂଳକ ପ୍ରକଳ୍ପର ସମୀକ୍ଷା

ଜୟପୁର, ୫/୦୨ (ନି.ପ୍ର): କୋରାପୁଟ ଜିଲା ଗସ୍ତ ରେ ୫ଟି ସଚିବ ବି କେ ପଣ୍ଡିଆନ ।ଗତ କାଲି ଜିଲାର ବୈପାରିଗୁଡା ବ୍ଲକ ର ପ୍ରସିଦ୍ଧ ଶୈବ ପୀଠ ପରିଦର୍ଶନ କରିବା ପରେ ଆଜି ବୋରିଗୁମ୍ମା ବ୍ଲକ ଗସ୍ତ କରୁଛନ୍ତି । ଆଜି ଅପରାହ୍ନ ୧.୩୦ ମୀନିଟ ଆଉଳି ପଡିଆ ଠାରେ ଏକ ସ୍ୱତନ୍ତ୍ର ହେଲିକେପ୍ଟର ରେ ଅବତରଣ କଲେ ୫ଟି ସଚିବ। ସେଠାରୁ ଗାଡି ଯୋଗେ ଆଉଳି ୫ଟି ସ୍କୁଲ ଯାଇ କାର୍ଯ୍ୟ ତଦାରଖ କରିବା ସହ ପିଲାଙ୍କୁ କ୍ଲାସ ରେ ପାଠ ପଢ଼ାଇଥିଲେ ।ପଡେଇଗୁଡା ଠାରେ ଥିବା କୃଷି ଉଦ୍ୟୋଗ ,ଆଉଳି ରାସ୍ତା କଡର ଫୁଡ଼ କୋର୍ଟକୁ ପରିଦର୍ଶନ କରି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ।

## ସୁବର୍ଣ୍ଣପୁରରେ ଶ୍ରମମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସୁବର୍ଣ୍ଣପୁର, ୫/୦୨ (ନି.ପ୍ର): ଆଜି ଓଡିଶା ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ ଓ ମନ୍ତ୍ରୀଙ୍କ ସହିତ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମଧ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାକା ନିଜ ବିଭାଗର କାର୍ଯ୍ୟାବଳି ଏବଂ ଉପଲବ୍ଧିତାର ପାୱାର ପଏଂଟ ରିପ୍ରେଜେଂଟେସନ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୨୧୯୪୩ ଜଣ ଶ୍ରମିକ ପଞ୍ଜୀକରଣ କରିଛନ୍ତି ଓ ବର୍ତ୍ତମାନ ଆଉ ଶ୍ରମିକମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟକୁ ଆସିବାକୁ ପଡୁନାହିଁ ଏବଂ ସେମାନେ ନିଜ ଘର ପାଖରେ ଇ ଶ୍ରମିକ ପୋର୍ଟାଲ୍ ମାଧ୍ୟମରେ ସୁବିଧାରେ ନିଜ ନାମ ପଞ୍ଜୀକୃତ କରିବା ସହିତ ବିଭିନ୍ନ ସହାୟତା ପାଇଁ ଆବେଦନ କରିପାରିବେ କ୍ଷ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଶ୍ରମିକମାନଙ୍କ ମଧ୍ୟରୁ ୧୭୯୯ ଜଣ ଶିକ୍ଷା, ୨୪୪୪ ଜଣ ବିବାହ,୫୯୩ ଜଣ ମାତୃତ୍ୱ , ୨୪୪୪ ଜଣ ସାଇକଲ୍, ୧୪୨୪୦ ଜଣ କାର୍ମିକ ଟୁଲ , ୧୭୯୯ ଜଣ ନିରାପଦ ଟୁଲ, ୫୯୩ ଜଣ ମୃତ୍ୟୁ ପରବର୍ତୀ ସହାୟତା ପାଇଛନ୍ତି ଓ ମନ୍ତ୍ରୀ ସମସ୍ତ ହିତାଧିକାରୀଙ୍କ ନାଜ୍ୟ ପ୍ରାପ୍ୟ ଅତିଶୀଘ୍ର ପ୍ରଦାନ କରିବା ସହିତ ପ୍ରତି ପଂଚାୟତ ଏବଂ ବ୍ଲକ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ବିଧାୟକ ପଦ୍ମନାଭ ବେହେରା କହିଲେଯେ କେବଳ ଇ ରେଜିଷ୍ଟ୍ରେସନ୍ ଉପରେ ଭରସା ନକରି ଶ୍ରମ ବିଭାଗ ଜନସାଧାରଣଙ୍କ ପାଖରେ ପହଂଚି ସେମାନଙ୍କୁ ସଚେତନ କରୁ। ଅତିରିକ୍ତ ଜିଲ୍ଲାପାଳ ମାର୍ଚ୍ଚ ଶେଷ ସୁଦ୍ଧା ହିତାଧିକାରୀ ମାନେ ବିଗତ ବର୍ଷର ସମସ୍ତ ସୁବିଧା ଯେମିତି ପାଇପାରିବେ ସେଥିପ୍ରତି ଶ୍ରମ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ରେ ବଲାଙ୍ଗିର ସୁବର୍ଣ୍ଣପୁର ଫ୍ୟାକ୍ଟ୍ରି ଓ ବ୍ରୋଏଲର ଉପନିର୍ଦ୍ଦେଶକ ବିବେକାନନ୍ଦ ନାୟକ, ଇଏସଆଇ ଡାକ୍ତର ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ କ୍ଷ ଜିଲ୍ଲା ଶିକ୍ଷ କେନ୍ଦ୍ର ମ୍ୟାନେଜର, ଆସିଷ୍ଟାଂଟ କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ସଭାରେ ଉପସ୍ଥିତ ଥିଲେ। ସୁଚନା ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ପରିଚାଳନା କରିଥିଲେ ଏବଂ ଉପ ଶ୍ରମ ଅଧିକାରୀ ସବିତା କୁମାରୀ ନାଏକ, ଶ୍ରମ କାର୍ଯ୍ୟାଳୟର ସୁଚିସ୍ମିତା ପାତ୍ର ଏବଂ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜାତୀୟ କୃଷ୍ଟ ରୋଗ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୫/୦୨ (ନି.ପ୍ର): ଜାତୀୟ କୃଷ୍ଟ ରୋଗ ନିରାକରଣ କାର୍ଯ୍ୟକ୍ରମ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ଜଗଧାତ୍ରୀପୁର ଜୟପୁର ଓ ଲେପ୍ରା ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି । ଏନେଇ ଏକ ଶୋଭାଯାତ୍ରା ରଜାନହର ଛକ ଠାରୁ ବାହାରିଥିବା ବେଳେ ଲେପ୍ରା ତରଫରୁ ଏକ ସାମ୍ୟ ରଥ ବାହାରିଥିଲା । ଏହି ଶୋଭାଯାତ୍ରା ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ପହଂଚିଥିଲା । ଏମଡିଟି ଖାଅ କୃଷ୍ଟ ରୋଗ ହଟାଅ ବୋଲି ଏଏନମ ଛାତ୍ରୀ ମାନେ ସ୍ଲୋଗାନ ଦେଇଥିଲ । ଏହି କାର୍ଯ୍ୟକ୍ରମରେ ଜିଲା ଲେପ୍ରୋସି କୋଡିନଟର ଡାକ୍ତର ଅମ୍ରିତା ରାଉତ, ବି ଭାସ୍କର ରାଓ, ପ୍ରଜେକ୍ଟ କୋଡିନେଟର ନେତ୍ରା ନନ୍ଦ ସାହୁ, ଏଲଏଚବି ମୀଧୁରି ଜାନି , ଡିଏଏ ଲିଙ୍ଗରାଜ ପାଢୀ ଉପସ୍ଥିତ ଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରରେ ସଦ୍‌ଭାବନା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୫/୦୨ (ନି.ପ୍ର): ତୁଳସୀ ମହିଳା ମହା ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସାଂପ୍ରଦାୟିକ ସଦ୍‌ଭାବନା କାର୍ଯ୍ୟକ୍ରମ ସ୍ଥାନୀୟ ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରାଙ୍କ ପ୍ରୋତ୍ସାହନରେ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ପଦ୍ମଜା କବିଶତପଥୀଙ୍କ ନେତୃତ୍ୱରେ ମହା ବିଦ୍ୟାଳୟର ଶତାଧିକ ଛାତ୍ରୀ, ସ୍ୱେଚ୍ଛାସେବୀ ମାନେ ସ୍କୁଲରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସାଂପ୍ରତିକ ସମୟରେ ସଂପ୍ରଦାୟିକ ସଦ୍‌ଭାବନା କାର୍ଯ୍ୟକ୍ରମ ଆବଶ୍ୟକତା ସଂପର୍କରେ ଅବଗତ କରାଇଥିଲେ ।

# ଜଙ୍ଗଲ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ମରୁଭୂମି ଆଶଙ୍କା

ଘଟଗାଁ, ୫/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଘଟଗାଁ, ହରିଚନ୍ଦନପୁର, ପାଟଣା, ସଦର, ସାହାରପଡା, ବାଂଶପାଳ ଏବଂ ତେଲକୋଇ ଜଙ୍ଗଲ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ନିଷ୍କ୍ରିୟତା ଓ ଲାଭଖୋର ନୀତି ଯୋଗୁଁ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ଦୈନିକ ସଂରକ୍ଷଣ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରୁ ବର୍ଷବର୍ଷ ଧରି ବ୍ୟାପକ ଜଙ୍ଗଲ କଟା ଚାଲିଥିବା ଫଳରେ ଏହା ଏକ ମରୁଭୂମିରେ ପରିଣତ ହୋଇଯିବାର ଆଶଙ୍କା ରହିଛି ବୋଲି ଜନସାଧାରଣ ଓ ପରିବେଶ ବିଜ୍ଞାନୀ ତଥା ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଜଙ୍ଗଲ ସୁରକ୍ଷା ଆଇନର ଭୂଲ ନୀତି ଯୋଗୁଁ ଉପରୋକ୍ତ ବ୍ଲକସ୍ଥିତ ଜଙ୍ଗଲରେ ବର୍ଷବର୍ଷ ଧରି ଗଛ କଟା ଯାଉଛି । ଯଦି ଜଙ୍ଗଲ ମାଫିଆମାନଙ୍କୁ ଆଇନ ଅନୁଯାୟୀ ଧରାଯାଉଛି ତେବେ ଏହି ଆଇନ ବଳରେ ଆସାମୀମାନେ ଅତିଶିଘ୍ର ଜାମିନୀ ପାଇ ଯାଉଛନ୍ତି । ଫଳରେ ସେମାନେ ପୁନର୍ବାର ଜଙ୍ଗଲରୁ ଗଛ କାଟି ଟ୍ରିପ ଟ୍ରିପ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି । ଯଦି ଏହାର କୌଣସି ପରିବର୍ତନ କରାନଯାଏ ତେବେ ମାଫିଆମାନଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇ ଧିରେ ଧିରେ ଜିଲ୍ଲାର ସମସ୍ତ ଜଙ୍ଗଲ ଲୋପ ପାଇଯିବାର ଆଶଙ୍କା ରହିଥିବା ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି । ମାଫିଆମାନେ ବ୍ୟାପକ ଭାବେ ଜଙ୍ଗଲରୁ ଗଛ କାଟି ଚାଲିଥିବା ବେଳେ ଧରାପଡିଲେ ସେମାନେ ସହଜରେ କୋର୍ଟରୁ ଜାମିନ ପାଇ ପୁନର୍ବାର ଜଙ୍ଗଲରୁ ଗଛକଟା ଜାରି ରଖିଥିବାର ଅଭିଯୋଗ ହୋଇଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ଘଟଗାଁ, ହରିଚନ୍ଦନପୁର ବାଂଶପାଳ, ତେଲକୋଇ ବ୍ଲକ ଗୁଡିକ ଆଦିବାସୀ ଅଧୁଷିତ ବଣ ପାହାଡ ପର୍ବତ ଜଙ୍ଗଲବେଷ୍ଟିତ ଅଂଚଳ । ଉଭୟ ବ୍ଲକମାନଙ୍କରେ ପ୍ରାୟ ୧୫ରୁ ୨୫ ହଜାର ହେକ୍ଟର ଜଙ୍ଗଲ । ଏହି ଜଙ୍ଗଲ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଜଙ୍ଗଲ କର୍ମଚାରୀ ଯଥା ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଅଭାବ ଯୋଗୁଁ ଜଙ୍ଗଲରୁ ଗଛକଟା ଚୋରା ଚାଲାଣ ରୋକା ଯାଇପାରୁନଥିବା ବେଳେ କେତେକ ବିଭାଗୀୟ କର୍ତୃପକ୍ଷଙ୍କ ହାତରେ ଧରାପଡି ଗିରଫ ହେଉଥିଲେ ହେଁ ରାଜନୈତିକ ଚାପରେ କେତେକ ଖଲାସ ହୋଇଯାଉଥିବା ବେଳେ କେତେକ କୋର୍ଟରୁ ଖଲାସ ହେଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ଘଟଗାଁ ରେଞ୍ଜ, ହରିଚନ୍ଦନପୁର ବ୍ରାହ୍ମଣୀପାଳ ରେଞ୍ଜରେ ବଣ ସଂରକ୍ଷିତ ଜଙ୍ଗଲ ଓ ତେଲକୋଇ ବାଂଶପାଳ ସଂରକ୍ଷିତ ଜଙ୍ଗଲ, ଘଟଗାଁ ଅଟେଇ ସଂରକ୍ଷିତ ଜଙ୍ଗଲରୁ ପ୍ରାୟ ୨୫ ?୩୦ ହଜାର ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ନଷ୍ଟ ହେଲାଣି । ଅନ୍ୟପକ୍ଷରେ ଦିନରାତି ଜଙ୍ଗଲଜାତ ଔଷଧୀୟ ବୃକ୍ଷ ଓ ଖଣିଜ ପଦାର୍ଥ ଚୋରି ଚାଲିଛି । ଏହାକୁ ରୋକିବାକୁ ଯାଇ ଜାଳ କାଠୁରିଆମାନଙ୍କୁ ଧରିଆଣି ଜୋରିମାନା କାଟିବାରେ ବନ କର୍ମଚାରୀମାନେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ଏଣୁ ଜିଲ୍ଲାପାଳ ଜଙ୍ଗଲ ବିଭାଗ ଅଧିକାରୀ(ଡିଏଫଓ) ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଶ୍ୱ କ୍ୟାନ୍ସର ଦିବସ ପାଳିତ

ବଲାଙ୍ଗୀର, ୫/୦୨ (ନି.ପ୍ର): ସ୍ଥାନୀୟ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ଠାରେ ବିଶ୍ୱ କ୍ୟାନ୍ସର ଦିବସ ପାଳନ କରାଯାଇଥିଲା. ଉକ୍ତ ଉତ୍ସବରେ କର୍କଟ ରୋଗରେ ପ୍ରାଥମିକ ଚିକିତ୍ସା ମାଧ୍ୟମରେ କ୍ୟାନ୍ସର ରୋଗ ଆରୋଗ୍ୟସାଧ ଓ କ୍ୟାନ୍ସର ରୋଗରେ ପୀଡିତ ନହେବା ପାଇଁ ଜୀବନଯାପନ ପ୍ରଣାଳୀ ରେ ଅନେକ ପରିବର୍ତନ ଓ ଶୃଙ୍ଖଳିତ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସେବିକା ଶ୍ରୀମତୀ ମାମି ସିଂଦେଓ ଓ ରୋଜାଲିନ ହୋତା ସଭିଙ୍କୁ ବୁଝାଇ ଥିବା ବେଳେ, ଶ୍ରୀ ସତ୍ୟବ୍ରତ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ବୈଷୟିକ କ୍ୟାନ୍ସର ସମ୍ବନ୍ଧିୟ ଧାରଣା ଦେବାସହ ଆମେ ବିଭିନ୍ନ ରସାୟନ ଯୁକ୍ତ ଖାଦ୍ୟ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ ।

## ଦୂତିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କନ୍ଧମାଳ , ୫/୦୨ (ନି.ପ୍ର): ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତିପଡା ଗ୍ରାମପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ପାଳିତ ହୋଇଛି ବାର୍ଷିକ ଉତ୍ସବ। ଉତ୍ସବରେ ଖଜୁରୀପଡ଼ା ବ୍ଲକ୍ ଅଧକ୍ଷା ସୁଶ୍ରୀ ଅନିମା କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି ମଂଚ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଖଜୁରୀପଡ଼ା ବ୍ଲକ୍ ଉପାଧକ୍ଷ ଅମିତ୍ ଦିଗାଲ, ସ୍କୁଲ୍ ଇନ୍ସପେକ୍ଟର ସୁଜାତା ବେହେରା, ଡି ଆଇ ସୁଧୀର ଦିଗାଲ, ଦୁତିପଦା ସରପଂଚ ଜାନକୀ ଜାନୀ, ସମିତି ସଭ୍ୟ ଶୁକଦେବ ସେଠୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ଏସ୍ ଏମ ସି ସଭାପତି ବରୁଣ କହଁର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ସିମାଂଚଳ ବେହେରା ସଭାପତିତ୍ୱ କରିଥିବାବେଳେ ପି ଏ ଆଇଟିଡିଏ କନ୍ଧମାଳ ନରେଶ କୁମାର ଶବର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ବହୁମୂଲ୍ୟ ଉଦବୋଧନ ମାଧ୍ୟମରେ ଅନେକ ସଚେତନ କରିଥିଲେ। ପିଲାଙ୍କ ଦ୍ୱାରା ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବରୁ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗୀତାରେ କୃତକାର୍ଯ୍ୟ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଠାରୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରଯାଇଥିଲା।

# ଦ୍ୱିତୀୟ ଦିନରେ ବଲାଙ୍ଗୀର ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା- କୃଷି ସଂବନ୍ଧୀୟ ଆଲୋଚନା ଚକ୍ର

ବଲାଙ୍ଗୀର, ୫/୦୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ କୋଶଳ କଳା ମଣ୍ଡଳ ପଡିଆ ବଲାଙ୍ଗିର ଠାରେ ଫେବୃଆରି ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଇଥିବା ବଲାଙ୍ଗିର ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ର ଆଜି ଦ୍ୱିତୀୟ ଦିବସରେ କୃଷି ସଂବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଦିବସର ପ୍ରଥମ ପର୍ଯ୍ୟାୟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଇଂ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ଉନ୍ନତ ଯାନ୍ତ୍ରିକକରଣ ର ବିକାଶ ଓ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କୃଷିରେ ଉନ୍ନତ ଯାନ୍ତ୍ରିକୀକରଣ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଚାଷୀମାନଙ୍କୁ ବିଭିନ୍ନ ଦିଗରୁ ଉଦାହରଣ ତଥା ଯନ୍ତ୍ରପାତିର ସଠିକ ବ୍ୟବହାର ସଂପର୍କରେ ଆଲୋଚନା ପୂର୍ବକ ଚାଷୀମାନଙ୍କୁ ବୁଝାଇଥିଲେ। ଭିଏସଟି ଲିମିଟେଡର ଆଂଚଳିକ ପରିଚାଳକ ବିଜୟ କୁମାର ବେହେରା ଫାର୍ମ ଯାନ୍ତ୍ରିକକରଣ ର ପରିଚାଳନା ସମ୍ପର୍କରେ ଆଲୋଚନା କରି କୃଷି ଯନ୍ତ୍ରପାତି ର ସଠିକ ପରିଚାଳନା ତଥା ବ୍ୟବହାର ଏବଂ କିପରି ସେଇ ଯନ୍ତ୍ରପାତି ରେ ଅନ୍ୟ ଯନ୍ତ୍ରପାତି ଖଞ୍ଜା ଯାଇ ବ୍ୟବହାର କରାଯାଇ ପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡକ୍ଟର ସତ୍ୟମୟ ଶତପଥୀ କୃଷି ଯାନ୍ତ୍ରିକୀକରଣ ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଢେଙ୍କାନାଳର ଆଂଚଳିକ ସଂପ୍ରସାରଣ ତାଲିମ ପ୍ରତିଷ୍ଠାନ ର ତାଲିମଦାତା ଡକ୍ଟର ଅଶୋକ କୁମାର ମଙ୍ଗରାଜ,ଫସଲ ଉତ୍ପାଦନ ଠାରୁ ଖାଦ୍ୟ ପ୍ରକ୍ରିୟାକରଣ ତଥା ବିକ୍ରବଟା ସଂପର୍କରେ ଆଲୋଚନା କରି ଦୃଷ୍ଟାନ୍ତ ଦେଇ ଚାଷୀମାନଙ୍କୁ ବୁଝାଇଥିଲେ। ପରେ ପାଟଣାଗଡର ମାଛଚାଷୀ ଉଦ୍ୟୋଗୀ ସପନ କୁମାର ପାତ୍ର ମାଛ ଚାଷ ତଥା ତାର ଲାଭ ସଂପର୍କରେ ନିଜସ୍ୱ ଅଭିଜ୍ଞତା ଓ ଅନୁଭୂତିରୁ ବିଭିନ୍ନ ଉଦାହରଣ ଦେଇଥିଲେ। ଆଜି ଉପସ୍ଥିତ ଚାଷୀମାନଙ୍କ ମଧ୍ୟରେ କୁଇଜ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ଆଠଜଣ ଚାଷୀଙ୍କୁ କୁଇଜ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶେଶ୍ୱର ସାହୁ, କୃଷି ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିବା ବେଳେ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ କୁଇଜ ପରିଚାଳନା କରିଥିଲେ ଓ ଗୀତିକୃଷ୍ଣା ନାଏକ,ସୁନନ୍ଦା ସାହୁ,ବିମ୍ବାଧର ସାହୁ,ସୁଧାକର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃଷି ସହକାରୀ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯକ୍ରମ ରେ ଜିଲ୍ଲା ର ବିଭିନ୍ନ ଅଂଚଳରୁ ଆସିଥିବା ଚାଷୀ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# କଂଚନପୁରରେ ପାରମ୍ପରିକ ମାଗେ ପରବ ପାଳିତ

ଚମ୍ପୁଆ, ୫/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରତ୍ୟେକ ବର୍ଷ ମାଘ ମାସର ଆଗମନରେ ପାଳନ କରିଥାନ୍ତି ମାଗେ ପରବ। ମାଘ ମାସକୁ ବର୍ଷର ସବୁଠାରୁ ପବିତ୍ର ମାସ ଭାବେ ଗ୍ରହଣ କରି ଗ୍ରାମର ସୁବିଧା ଅନୁଯାୟୀ ମାଘ ମାସର ସଂକ୍ରାନ୍ତି ପରଠାରୁ ଯେକୌଣସି ଦିନ ଏହି ପର୍ବ ପାଳନ କରାଯାଇଥାଏ। କେନ୍ଦୁଝର ଜିଲ୍ଲା ହୋଇ ଉଠେ ଚଳଚଂଚଳ। ନିଆରା ଢଙ୍ଗରେ ପାଳିତ ହେଉଥିବା ଏହି ପର୍ବରେ ଭୂମି ପୂଜା, ଏବଂ କୂଳ ପୂଜାକୁ ଗୁରୁତ୍ୱ ଦିଆ ଯାଇଥାଏ। ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ରିତ ଭାବରେ ଗାଁ ମୁଣ୍ଡରେ ମାଘ ପୂଜା କରି ଘର ମାନଙ୍କରେ ବଡ଼ ଠାକୁର (ମାରାଙ୍ଗ ବଙ୍ଗା) ପୂଜା କରିଥାନ୍ତି। ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ବର୍ଷ ଯାକର ରାଗ, ରୁଷା, ଅଭିମାନ ଭୁଲି କାନ୍ଧକୁ କାନ୍ଧ ମିଶେଇ, ହାତକୁ ହାତ ଧରାଧରି ହୋଇ ପାରମ୍ପରିକ ଗୀତ ନାଚରେ ମଜି ଯାଇଥାନ୍ତି। ଏହିପରି ଭାବରେ ପ୍ରତିଟି ଆଦିବାସୀ ଗ୍ରାମରେ ପାଳିତ ହୁଏ ମାଗେ ପର୍ବ। ଠିକ ସେହିପରି ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଗ୍ରାମରେ ମାଗେ ପରବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗ୍ରାମର ଦେହୁରୀଙ୍କ ଦ୍ୱାରା ନିୟମାନୁଯାୟୀ ପୂଜା କାର୍ଯ୍ୟ ସରିବା ପରେ ଉତ୍ସବ ମୁଖର ହୋଇ ଉଠିଛି କଂଚନପୁର ଗ୍ରାମ। ଗ୍ରାମର ସମସ୍ତ ପୁରୁଷ, ମହିଳା ଏକତ୍ରିତ ଭାବେ କାନ୍ଧକୁ କାନ୍ଧ, ହାତକୁ ହାତ ମିଳାଇ ନୃତ୍ୟ ଗୀତରେ ମଜ୍ଜି ଯାଇଛନ୍ତି। ଦୁଇଦିନ ଧରି ପାଳିତ ହୋଇଥିବା ଏହି ମାଗେ ପର୍ବର ଶେଷ ଦିନରେ ଆଜି ମୁଖ୍ୟ ଅତିଥିଭାବେ ସମାଜ ସେବୀ ତଥା ଚମ୍ପୁଆ ବିଜେପିର ବରିଷ୍ଠ ନେତା ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଗ୍ରାମବାସୀଙ୍କ ସହିତ ପାରମ୍ପରିକ ନୃତ୍ୟ, ଗୀତରେ ସାମିଲ ହେବା ସହିତ ନିଜର ଅଭିଭାଷଣ ମାଧ୍ୟମରେ ଆଦିବାସୀ ହୋ ସମାଜର ମାଗେ ପରବ, ବାଆ ପରବ ଆଦି ପର୍ବମାନଙ୍କର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରତିପାଦନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଚମ୍ପୁଆର ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ଚମ୍ପୁଆର ପୂର୍ବତନ ବ୍ଲକ ଚେୟାରମ୍ୟାନ ସିଦ୍ଧାର୍ଥ କୁମାର ସିଂହ ଓ କଂଚନପୁର ବୁଥ କମିଟି ସଭାପତି ରୋହିତ କୁମାର ପ୍ରଧାନ ଯୋଗ ଦେଇ ଆଦିବାସୀମାନେ କିପରି ମାଗେ ପର୍ବରେ ବର୍ଷ ଯାକର ରାଗ ରୁଷା, ମନ ମାଳିନ୍ୟକୁ ଭୁଲି ହାତକୁ ହାତ କାନ୍ଧକୁ କାନ୍ଧ ମିଶେଇ ନାଚ ଗୀତରେ ସାମିଲ ହୋଇଥାନ୍ତି ସେ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କୁ ଗ୍ରାମର ଆଦିବାସୀ ମହିଳାମାନେ ଗାଁ ମୁଣ୍ଡରେ ବନ୍ଦାପନା କରି ପାରମ୍ପରିକ ନୃତ୍ୟ, ଗୀତର ତାଳେ ତାଳେ ଆଖଡ଼ା ସ୍ଥାନକୁ ପାଛୋଟି ଆଣିବା ପରେ ଆଜିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗ୍ରାମର ପୁରୁଷ, ମହିଳା ସମସ୍ତେ ମିଶି ଅତିଥିମାନଙ୍କୁ ମଧ ମାଗେ ନାଚରେ ସାମିଲ କରି ନଚେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କଂଚନପୁର ମାଗେ ପରବ ପରିଚାଳନା କମିଟି ସଦସ୍ୟ ଚକ୍ର ମୁଣ୍ଡା, ଗଣେଶ୍ୱର ମୁଣ୍ଡା, ଶୁକରାମ ମୁଣ୍ଡା, ରାମ ମୁଣ୍ଡା, ରଘୁନାଥ ମୁଣ୍ଡା, ଟୁଗୁନୁ ମୁଣ୍ଡା, ଜାଗୁ ମୁଣ୍ଡା, ବାଗୁନ ମୁଣ୍ଡା, ପ୍ରତାପ ଲୋହାର ପ୍ରମୁଖ ପରିଚାଳନା କରିଥିଲେ।

# ବଡ଼ବିଲ ବନାଂଚଳ କ୍ଷେତ୍ରରେ ଜଙ୍ଗଲ ଅଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

ବଲାଣି, ୫/୦୨ (ନି.ପ୍ର): ପ୍ରତ୍ୟେକ ବର୍ଷ ବିଭିନ୍ନ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ପ୍ରକୃତିର ବ୍ୟାପକ କ୍ଷୟକ୍ଷତି ହେଉଛି। ନିମିଷେକ ମଧ୍ୟରେ ଏକର ଏକର ଜଙ୍ଗଲ ଜଳି ପୋଡି ଯାଉଥିବା ବେଳେ ଏହି ପ୍ରକୃତିକ ପରିବେଶରେ ବସବାସ କରୁଥିବା ବନ୍ୟପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି ଅଥବା ପ୍ରାକୃତିକ ପରିବେଶକୁ ତ୍ୟାଗ କରି ଅନ୍ୟତ୍ର ପଳାୟନ କରୁଛନ୍ତି । ପ୍ରାକୃତିକ ପରିବେଶ ନଷ୍ଟ ହେବା ସହିତ ଏହାର କୁପ୍ରଭାବ ଜୀବନ ଚକ୍ର ଉପରେ ପଡିବା ସହିତ ବିଶ୍ୱ ତାପମାତ୍ରର ମୁଖ୍ୟ କାରଣ ପାଲଟିଛି । ଏହି ବାର୍ତାକୁ ନେଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ବଡ଼ବିଲ ବନାଂଚଳ ଅଧିକାରୀ ରଞ୍ଜନ କୁମାର ପାଣିଙ୍କ ତତ୍ୱାବଧାନରେ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ବଡ଼ବିଲ ବନାଂଚଳର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଂଚାୟତର ସରପଂଚ, ୱାର୍ଡ ସଭ୍ୟ, ଗ୍ରାମବାସୀ ବ୍ୟତୀତ ବିଭିନ୍ନ ସ୍ୱ ସେବୀ ସଂଗଠନର ସଦସ୍ୟ ମାନେ ଭାଗ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଶନିବାର ଏହା ନିମତୁର, ବଡ଼ବିଲ ଷ୍ଟେସନ ବଜାର, ଲସର୍ଦା, କଲ୍‌ହପାଣ୍ଟୁଲି, ଅଂସେଇକଳା, ପାଣ୍ଟୁଲିପୋଷି ଆଦି ଗ୍ରାମାଂଚଳ ମାନଙ୍କରେ ଅନୁଷ୍ଠିତ ହୋଇଯାଇଥିବାବେଳେ ଆଗାମୀ ୧୦ ଦିନମାନଙ୍କରେ ପର୍ଯ୍ୟାୟ କ୍ରମେ ବଡ଼ବିଲ ବନାଂଚଳ କ୍ଷେତ୍ରର ଅନ୍ୟାନ୍ୟ ଜଙ୍ଗଲ କୁ ଲାଗି ରହିଥିବା ଗ୍ରାମାଂଚଳମାନଙ୍କରେ ଅନୁଷ୍ଠିତ ହେବ ବୋଲି ବଡ଼ବିଲ ବନାଂଚଳ ଅଧିକାରୀ ରଞ୍ଜନ କୁମାର ପାଣି ସୂଚନା ଦେଇଛନ୍ତି।

# ଓଡ଼ିଶା ହେମାଟୋଲୋଜି ସଂଗଠନର ବାର୍ଷିକ ସମ୍ମିଳନୀ




ବାଲେଶ୍ୱର,୫।୨(ନି.ପ୍ର): ରକ୍ତ ଜନିତ ରୋଗ ଚିକିତ୍ସକଙ୍କୁ ନେଇ ଗଠିତ 'ଓଡ଼ିଶା ହେମାଟୋଲୋଜି' ସଂଗଠନର ତ୍ରୟୋଦଶ ବାର୍ଷିକ ସମ୍ମିଳନୀ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ମେଡିକାଲ ଆସୋସିଏସନର ବାଲେଶ୍ୱର, ଭଦ୍ରକ ଓ ବାରିପଦା ଚାପ୍ଟର ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ମୁଖ୍ୟଅତଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ସମ୍ପ୍ରତିକ ସମାଜରେ ଡାକ୍ତରଙ୍କୁ ଭଗବାନଙ୍କ ଦ୍ୱିତୀୟ ସ୍ୱରୂପ ଭାବେ ବିବେଚନା କରାଯାଉଥିବା ବେଳେ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆଧୁନିକ ଚିକିତ୍ସା ପ୍ରଣାଳୀ ହିଁ ତାହା ପ୍ରମାଣିତ କରୁଛି ବୋଲି ମତପ୍ରକାଶ କରିଥିଲେ । ଫକୀର ମୋହନ ସରକାରୀ ମେଡିକାଲ କଲେଜର ଉପାଧକ୍ଷା ପ୍ରଫେସର ଡାକ୍ତର ମନୋରମା ସ୍ୱାଇଁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିନକୁ ଦିନ ବଢ଼ିଚାଲିଥିବା ରକ୍ତ ଜନିତ ରୋଗର ପ୍ରତିଷେଧକ ଓ ନିରାକରଣ ବାବଦରେ ଡାକ୍ତରମାନଙ୍କ ପାଇଁ ଏହି ସମ୍ମିଳନୀ ବେଶ ସହାୟକ ହେବ ବୋଲି କହିଥିଲେ। ଓଡ଼ିଶା ହେମାଟୋଲୋଜି ସଂଗଠନର ସଭାପତି ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ହେମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନା ବିବରଣୀ ଉପସ୍ଥାପନ ସହ କେନ୍ଦ୍ର ସରକାରଙ୍କ 'ଆନେମିଆ ମୁକ୍ତ ଭାରତ' ଓ 'ଜାତୀୟ ସିକଲ ସେଲ ମିଶନ'ର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ସମ୍ମିଳନୀରେ ଆନେମିଆ ଓ ସିକଲ ସେଲ ରୋଗ ସମେତ ରକ୍ତ କର୍କଟ ରୋଗର ଚିକିତ୍ସା ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଶେଷଜ୍ଞମାନେ ଲ୍ୟୁକେମିଆ, ଲିମ୍ଫୋମା, ମାୟେଲୋମା ପ୍ରଭୃତି ବିଭିନ୍ନ ପ୍ରକାର ବ୍ଲଡ କ୍ୟାନସର ରୋଗର ନିଦାନ ଓ ଚିକିତ୍ସା କ୍ଷେତ୍ରରେ ଆସିଥିବା ଅତ୍ୟାଧୁନିକ ବ୍ୟବହାରିକ ପରିବର୍ତନ ତଥା ପରିଚାଳନା ସମ୍ପର୍କରେ ଡାକ୍ତରସମୂହଙ୍କୁ ଅବଗତ କରିଥିଲେ। ଇଣ୍ଡିଆନ୍ ମେଡିକାଲ ଆସୋସିଏସନର ବାଲେଶ୍ୱର ଚାପ୍ଟର ସଭାପତି ଡାକ୍ତର ବିଜୟ କୁମାର ପଣ୍ଡା, ଭଦ୍ରକ ଚାପ୍ଟର ସଭାପତି ଡାକ୍ତର ରବୀନ୍ଦ୍ର କୁମାର ନାୟକ ଓ ବାରିପଦା ଚାପ୍ଟର ସଭାପତି ଡାକ୍ତର ଶିବାନନ୍ଦ ମହାନ୍ତି ପ୍ରମୁଖ ଏଥିରେ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଶା ହେମାଟୋଲୋଜିର ସଂଗଠନ ସମ୍ପାଦକ ତଥା ଭୁବନେଶ୍ୱର ଏମ୍ସର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଆଶୁତୋଷ ପାଣିଗ୍ରାହୀ ସମ୍ମିଳନୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀ ଆୟୋଜନ କମିଟିର ସଂଯୋଜକ ଡାକ୍ତର ନବ କିଶୋର ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବାଲେଶ୍ୱର ସମେତ ଉତ୍ତର ଓଡିଶାର ୩ ଜିଲ୍ଲାରୁ ୧୭୦ରୁ ଅଧିକ ଡାକ୍ତର ଅଂଶଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମନ୍ତ୍ରୀ ନବ ଦାସ ହତ୍ୟା ମାମଲା...

ସେହିପରି ଝାରସୁଗୁଡ଼ା ବିମାନ ବନ୍ଦର ଥାନା ପରିସରରେ ଥିବା ଲାଟିନ୍ ଟାଙ୍କିରୁ ମିଳିଥିବା ଗୋପାଳର ହାତଲେଖା କାଗଜ ଟୁକୁଡ଼ାରୁ ମଧ୍ୟ କିଛି ତଥ୍ୟ ପାଇବା ଲକ୍ଷ୍ୟରେ ରହିଛି କ୍ରାଇମବ୍ରାଂଚ । ଇତିମଧ୍ୟରେ ଅଭିଯୁକ୍ତ ପୋଲିସ ଏଏସଆଇ ଗୋପାଳଙ୍କ ପରିବାର ବର୍ଗ, ସାଙ୍ଗସାଥୀ, ଚିକିତ୍ସା କରୁଥିବା ଡାକ୍ତର ଆଦିଙ୍କୁ ମିଶାଇ ପ୍ରାୟ ୨୦ରୁ ଅଧିକ ଜଣଙ୍କୁ ପଚରା ଉଚରା କରିସାରିଲାଣି କ୍ରାଇମବ୍ରାଂଚ । ପ୍ରକାଶ ଥାଉକି, ଗତ ୨୯ ତାରିଖ ମଧ୍ୟାହ୍ନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ବ୍ରଜରାଜନଗର ଗାନ୍ଧି ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋରଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ତାଙ୍କ ଛାତିରେ ଗୁଳି ବାଜିଥିଲା । ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେହିଦିନ ସଂନ୍ଧ୍ୟାରେ ୬୧ ବର୍ଷିୟ ନବକିଶୋରଙ୍କ ପରଲୋକ ଘଟିଥିଲା ।

## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା...

ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀ ନେଇ ପ୍ରତିବାଦ କରିବା କାରଣରୁ ମାହାଙ୍ଗାର ଦଳୀୟ କାର୍ଯ୍ୟକର୍ତ୍ତା କୁଳମଣି ବରାଳଙ୍କ ହତ୍ୟା କରାଗଲା । ସ୍ୱର୍ଗତ ବରାଳଙ୍କ ପରିବାର ତରଫରୁ ସ୍ଥାନୀୟ ଲୋକପ୍ରତିନିଧି ତଥା ସେତେବେଳର ମନ୍ତ୍ରୀଙ୍କ ଉପରେ ସନ୍ଦେହ ପ୍ରକାଶ କରି ସ୍ଥାନୀୟ ପୋଲିସରେ ତାଙ୍କ ନାଁ ଏଫଆଇଆର ଦିଆଗଲା । ମାତ୍ର ସେହି ଏଫଆଇଆରକୁ ପୋଲିସ ରଖିଲା ନାହିଁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୧ ଅଗଷ୍ଟ ୨୫ ତାରିଖରେ ସାଲେପୁରର ମାନ୍ୟବର ଜେଏମଏଫସି କୋର୍ଟଙ୍କୁ ପରିବାରର ଅଭିଯୋଗ ଅନୁସାରେ ଘଟଣାର ପୁନଃତଦନ୍ତ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ପଡିଥିଲା । ଦ୍ୱିତୀୟତଃ ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଆନନ୍ଦ ଟୋପୋଙ୍କ ମୃତ୍ୟୁ ନେଇ ମଧ୍ୟ ସମାନ ଭାବେ ଗତ ଡିସେମ୍ବର ୬ ତାରିଖରେ ଓଡ଼ିଶାର ମାନ୍ୟବର ହାଇକୋର୍ଟ ପୋଲିସ କେସ ରେଜିଷ୍ଟର ନକରିବା ନେଇ କଡା ଟିପ୍ପଣୀ ଦେଇଛନ୍ତି । ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କୁ କାମରୁ ଦୂରେଇବା ପାଇଁ ନିର୍ଦ୍ଦେଶ ଦେଲେ । ଅନୁରୂପ ଭାବରେ ଓଡ଼ିଶାର ଜଣେ ଝିଅ ଶାସକ ଦଳର ଯୌନ ବ୍ୟଭିଚାରରେ ସଂଶ୍ଳିଷ୍ଟ ବିଧାୟକଙ୍କ ଉପରେ ହେଉଥିବା ନେଇ ପୋଲିସ ଥାନାରେ ଅଭିଯୋଗ କଲେ । ମାତ୍ର ପୋଲିସ ତାଙ୍କର ଅଭିଯୋଗ ପତ୍ର ନରଖିବା କାରଣରୁ ସେ ବାଧ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ । ପୋଲିସର ମନମୁତାବକ କାର୍ଯ୍ୟଶୈଳି ପାଇଁ ମାନ୍ୟବର ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଲା । ମାନ୍ୟବର କୋର୍ଟ ଗତ ୩ ତାରିଖରେ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ତଦନ୍ତ ପ୍ରକ୍ରିୟା ନେଇ ପ୍ରଶ୍ନ ଉଠାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମନ୍ତ୍ରୀଙ୍କ ହତ୍ୟାର ତଦନ୍ତ ନେଇ ସରକାର ଗମ୍ଭୀର ନୁହଁନ୍ତି । ତଦନ୍ତର ପ୍ରାଥମିକ ପ୍ରକ୍ରିୟା ଅସାମଞ୍ଜସ୍ୟ ଭଳି ମନେ ହେଉଛି । ନୈତିକତା ଦୃଷ୍ଟିରୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ତୃତୀୟ ପକ୍ଷକୁ ଦିଆଯାଉ । ଲୋକକଥାରେ ଅଛି "ତୁ ଗୁହାରୀ କରିବୁ ଯାହାକୁ, ମୁଁ ଗେରସ୍ତ କରିଛି ତାହାକୁ" । ପୋଲିସ ପ୍ରତି ମାଫିଆଙ୍କ ଡ଼ର ଛାଡି ଗଲାଣି । ପୋଲିସକୁ ରାଜନୈତିକ ହାତ ବାରିଶି କରିବାକୁ ଚେଷ୍ଟା ହେଉଛି । ଓଡିଶା ବଡ଼ ଗମ୍ଭୀର ସ୍ଥିତିରେ ଅଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଓଡ଼ିଶାର ଶାସନ ବ୍ୟବସ୍ଥା କାହା ହାତରେ ଅଛି ଏବଂ ଓଡ଼ିଶାକୁ କିଏ ଚଲାଉଛି, ତାହା ଓଡ଼ିଶାବାସୀଙ୍କ ମଧ୍ୟରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଏନସିଆରସିବି ରିପୋର୍ଟ ଓ ଓଡ଼ିଶାର ମହିଳାଙ୍କ ଉପରେ ଥିବା ନିର୍ଯ୍ୟାତନା ନକହିଲେ ଭଲ । ନବ ଦାସଙ୍କର ହତ୍ୟାକାଣ୍ଡ, ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଆକ୍ରମଣ ଏବଂ ଉପରୋକ୍ତ ତିନୋଟି ମାମଲା ଉପରେ ପୋଲିସକୁ ମାମଲା ରୁଜୁ ସହ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ମାନ୍ୟବର କୋର୍ଟଙ୍କ ହସ୍ତକ୍ଷେପ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି । ଜନଜାତି ସମ୍ପ୍ରଦାୟର ଜଣେ ବାପା କଣ ପୁଅର ମୃତ୍ୟୁ ନେଇ ଅଭିଯୋଗ କରିପାରିବ ନାହିଁ ? ଦୁର୍ନୀତି ବିରୋଧରେ ଲଢେଇ କରୁଥିବା ଲୋକର ହତ୍ୟା ପରେ ତାଙ୍କ ପରିବାର ଅଭିଯୋଗ କଲେ କ'ଣ ଏଫଆଇଆରରେ ନାଁ ଆସିବ ନାହିଁ ? ଯୌନ ବ୍ୟଭିଚାରରେ ସଂଶ୍ଳିଷ୍ଟ ଥିବା ଶାସକ ଦଳର ପ୍ରଭାବଶାଳୀ ବିଧାୟକଙ୍କ ନାଁରେ ପୋଲିସ ଅଭିଯୋଗ ନେବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

# ବିପର୍ଯ୍ୟସ୍ତ ଜିଲାର ସ୍ୱାସ୍ଥ୍ୟ ସେବା : ୨୫ରେ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ନିଷ୍ପତ୍ତି




ବାଲେଶ୍ୱର,୫।୨(ନି.ପ୍ର ): ଜିଲାବାସୀଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ଚଳିତ ଫେବୃଆରୀ ମାସ ୨୫ ତାରିଖ ଦିନ ୧୦ଟାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିରବ ଗଣଧାରଣା ପାଇଁ ନିଷ୍ପତ୍ତି ନେଇଛି ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି। ସ୍ୱର୍ଗତ ଡା. ହରିଶ୍ଚନ୍ଦ୍ର ଜେନାଙ୍କ ବାସଭବନ ପରିସରରେ ଅନୁଷ୍ଠିତ କମିଟିର ପରିବର୍ଦ୍ଧିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାବାସୀଙ୍କ ଦାବି ଓ ଆନ୍ଦୋଳନ ପରେ ବାଲେଶ୍ୱରରେ ମେଡିକାଲ କଲେଜ୍ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବରୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ବାଲେଶ୍ୱରରେ ଏମସ୍‌ର ବହିର୍ବିଭାଗ ମଧ୍ୟ ୭ଦିନ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଜିଲ୍ଲାବାସୀଙ୍କ ସାମୂହିକ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆବେଦନ, ନିବେଦନ ଓ ଗଣତାନ୍ତ୍ରିକ ଆନ୍ଦୋଳନରେ ବହୁବାର ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ଆସନ୍ତା ୨୫ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ସଦସ୍ୟା ଓ ବିଭିନ୍ନ ଗଣ ସଂଗଠନର ପ୍ରତିନିଧିମାନେ ମୁହଁରେ କଳାପଟି ବାନ୍ଧି ସରକାରଙ୍କ ଅବିଚାର ଓ ମୌନତା ବିରୋଧରେ ପ୍ରତିବାଦ କରିବାକୁ କମିଟି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରିଛି। ଆଗାମୀ ଆନ୍ଦୋଳନକୁ ସହଯୋଗ ପାଇଁ ବୈଠକରେ ବାଲେଶ୍ୱରବାସୀଙ୍କୁ ନିବେଦନ କରାଯାଇଛି।ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସଂପାଦକ ପ୍ରଦୀପ ଦାସ ସ୍ୱାସ୍ଥ୍ୟସେବାରେ ଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସର୍ବଶ୍ରୀ ଶମ୍ଭୁନାଥ ମହାନ୍ତି, ପ୍ରଫେସର ଅନନ୍ତ ପ୍ରଧାନ, ମମତା ମହାପାତ୍ର, ବେଣୁଧର ବାରିକ, ପ୍ରତିମା ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ପଦ୍ମଲୋଚନ ଦତ୍ତ, ଇଂ. ବନମାଳୀ ନାୟକ, ଇଂ. ହୃଷିକେଶ ସାହୁ, ଦୀନବନ୍ଧୁ ଲେଙ୍କା, ପ୍ରଭାକର ସାହୁ, ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ଜତିନ୍ ପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ଲକ୍ଷ୍ମୀପ୍ରିୟା ଜେନା, ରମେଶ ଚନ୍ଦ୍ର ଜେନା, ବିଜୟ ଦାସ ଅଧିକାରୀ ଓ ସଚିନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା।

# ଜିଲା ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବାଲେଶ୍ୱର,୫।୨(ନି.ପ୍ର): ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଦେବାକୁ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ବୈଠକରେ ଦାବି କରାଯାଇଛି। ମାସିକ ବାର୍ଦ୍ଧକ୍ୟ ଭତ୍ତା ଦୁଇହଜାର ଟଙ୍କାକୁ ବୃଦ୍ଧିପାଇଁ ଓ ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ପୂର୍ବପରି ରିହାତି ପ୍ରଦାନ ଦାବିକରି ପୁନଶ୍ଚ ସରକାରଙ୍କୁ ଚିଠି ଲେଖିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିର୍ଯ୍ୟାତିତ ବୟସ୍କ ବ୍ୟକ୍ତିଙ୍କ ସମସ୍ୟାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ରାଜପଥ ପାର୍ଶ୍ୱରେ ନୂଆ ବସ୍‌ଷ୍ଟାଣ୍ଡ୍ ପାଇଁ ଶିଳାନ୍ୟାସ ଦିଆଯାଇଥିବା ଜମିରେ ବ୍ରିଟ୍‌ପକ୍ଷରୁ ବହୁତଳ ପ୍ରାସାଦ ନିର୍ମାଣ କରି ବ୍ୟକ୍ତିବିଶେଷଙ୍କୁ ହସ୍ତାନ୍ତର ପାଇଁ ହେଉଥିବା ଉଦ୍ୟମକୁ ବୈଠକରେ ଦୃଢ଼ ବିରୋଧ କରାଯାଇଛି। ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରାଯାଇଛି। ମଞ୍ଚର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ବେହେରା ଆଲୋଚନାର ବିବରଣୀ ଉପସ୍ଥାପିତ କରି ପ୍ରତିମାସର ୨ୟ ରବିବାର ଦିନ ମାସିକ ବୈଠକ ପାଇଁ ପ୍ରସ୍ତାବ ଦେଇଥିଲେ। ସହରରେ ନବନିର୍ମିତ ଉଡ଼ନ୍ତା ପୋଲ ପାର୍ଶ୍ୱରେ ଅସାମାଜିକ କାର୍ଯ୍ୟ ହେଉଥିବା ଅଭିଯୋଗ ଉପରେ ପୁଲିସ ନଜର ରଖିବାକୁ ବୈଠକରେ ତ୍ରିଦୀପ ନାୟକ ଦାବି କରିଥିଲେ। ଏହି ବୈଠକରେ ଦାମୋଦର ନାୟକ, ସୀତାରାମ ପ୍ରଧାନ, ଗୋପୀନାଥ ଦାସ, କମଳାକାନ୍ତ ବେହେରା, ଗୌରାଙ୍ଗୀ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ଜେନା ଓ ଜ୍ଞାନାନନ୍ଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯଶୋଦା ନନ୍ଦନ ଆସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚିତ୍ରଶିଳ୍ପୀ କବି ଅଶୋକ ମହାନ୍ତି ସ୍ମୃତି ସଂସଦ ଗଠିତ

ଭଦ୍ରକ,୫।୨(ନି.ପ୍ର): - ଓଡ଼ିଶା ଲଳିତକଳା ଏକାଡ଼େମୀ ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ଅଶୋକ କୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସ୍ମୃତି ସଂସଦ ଗଠନ ହୋଇଛି। ଭଦ୍ରକ ବାଇପାସ୍ ସ୍ଥିତ ଗୀତାଭବନ ପରିସରରେ ରବିବାର ପୂର୍ବାହ୍ନରେ ଏଥିନିମନ୍ତେ ଆହୂତ ବୈଠକରେ ଡାକ୍ତର ଦୁର୍ଯ୍ୟୋଧନ ଦାସ ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କର ଓଡ଼ିଶାର ସର୍ବତ୍ର ପରିଚିତି ଥିଲା। ଉଭୟ ଚିତ୍ରକଳା ଓ କବିତା ଜଗତର ସେ ଥିଲେ ଅନୁପମ ବିନ୍ଧାଣୀ। କଳାଶିକ୍ଷକ ଭାବେ ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟକରି ଅବସର ନେଇଥିଲେ ଓ ଗତ ୨୦୨୨, ନଭେମ୍ବର ୧୬ରେ ସେ ପରଲୋକ ଗମନ କରିଥିଲେ। ତାଙ୍କ ଜନ୍ମସ୍ଥାନ ପାଳିଆ, ତିହିଡ଼ି ବ୍ଲକ୍, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସାରସ୍ୱତ ସାଧକ ଓ କଳାକାରମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ପ୍ରତିବର୍ଷ ଶ୍ରାଦ୍ଧବାର୍ଷିକ ଅବସରରେ ସ୍ମୃତିଉତ୍ସବ ପାଳନ, ସ୍ମରଣିକା ପ୍ରକାଶନ ଓ ସମ୍ବର୍ଦ୍ଧନା ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ସଭାପତି ଭାବେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଉପସଭାପତି ଅଜୟ ନାୟକ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦାସ, ଡକ୍ଟର ଶଶଧର ଦାସ, କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ସହ ସମ୍ପାଦକ ଦେବେନ୍ଦ୍ରନାଥ ମହାଳିକ, କାର୍ଯ୍ୟକାରୀ ସମ୍ପାଦକ କୈଳାସ ବେହେରା, ସଂଯୋଜକ ଅଶ୍ୱିନୀ କୁମାର ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ଅଜୟ କୁମାର ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ହୃଦାନନ୍ଦ ପାଣିଗ୍ରାହୀ, ପବିତ୍ର ପାଣିଗ୍ରାହୀ, ଡକ୍ଟର ମନୀନ୍ଦ୍ର ମହାନ୍ତି, ଡକ୍ଟର ରାଧାରାଣୀ ମହାପାତ୍ର, ଶ୍ରୀହର୍ଷ ସ୍ୱାଇଁ, ବସନ୍ତ କୁମାର ନାୟକ, ଜୟନ୍ତ କୁମାର ନାୟକ, ନିରଞ୍ଜନ ବାରିକ, ରାମନାରାୟଣ ନାୟକ, ପ୍ରଭାତ କୁମାର ରାଉଳ, ରତିକାନ୍ତ ଦାସ, ଶ୍ରୀଦେବ, ଶିଳ୍ପୀ କେଶୁ ଦାସ, କବି ସୁକୁମାର ଦାସ, ବଂଶୀଧର ଜେନା, ମନୋଜ ଭଟ୍ଟାଚାର୍ଯ୍ୟ ଓ ଆବାହକ ଭାବେ ଅରୁଣ କୁମାର ମହାନ୍ତିଙ୍କୁ ଚୟନ କରାଯାଇଥିଲା। ପରିବର୍ଦ୍ଧିତ କାର୍ଯ୍ୟପନ୍ଥା ବାବଦରେ ପରବର୍ତ୍ତୀ ସଭାରେ ସ୍ଥିରୀକୃତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ସାନଭାଇ ଅଶ୍ୱିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜ ବିନୋଦ ରାଇ ପୀଠରେ ଗୀତ ପଞ୍ଚ ମହାଯଜ୍ଞ ଉଦଯାପିତ

ବାଲେଶ୍ୱର,୫।୨(ନି.ପ୍ର): ସହର ଉପକଣ୍ଠ ବାଲିଆ ସ୍ଥିତ ବ୍ରଜ ବିନୋଦ ରାଇ ପୀଠରେ ଚାଲିଥିବା ତିନି ଦିନିଆ ଗୀତ ପଞ୍ଚ ମହାଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ଗୁରୁବାର ଅଧିବାସ ସମ୍ପନ୍ନ ହୋଇଥିବା ଶୁକ୍ରବାର ଘଟ ଉତ୍ତୋଳନ, ଗୋପୂଜା ସହ ଯଜ୍ଞ କର୍ମକାଣ୍ଡ ଶୁଭାରମ୍ଭ ହୋଇଥିଲା। ଶନିବାର ଯଜ୍ଞ ଓ ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହୋଇଥିବା ବେଳେ ରବିବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଭଜନ କୀର୍ତ୍ତନ ଓ ବେଦମନ୍ତ୍ରରେ ସମଗ୍ର ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଆୟୋଜକ କମିଟିର ସଭାପତି ଅନୀଲ କୁମାର ଜେନା, ସମ୍ପାଦକ ସୁକୁମାର ଦାସ, କୋଷାଧ୍ୟକ୍ଷ ଗୌରାଙ୍ଗ ବେହେରାଙ୍କ ସମେତ ମନ୍ମଥ କୁମାର ଘଡ଼େଇ, ଉଦୟ କୁମାର ପ୍ରଧାନ, ପ୍ରାଣବନ୍ଧୁ ବିଶ୍ୱାଳ, ବାଲିଆ ସରପଞ୍ଚନିତ୍ୟାନନ୍ଦ ନାୟକ, ରଜନୀରାଣୀ ବ୍ରହ୍ମ, ଦିଲୀପ କୁମାର ନାୟକ, ଲକ୍ଷ୍ମୀନାରାୟଣ ମହାନ୍ତି, ପ୍ରାର୍ଥସାରଥୀ ଦତ୍ତ, ଚିତ୍ତରଂଜନ ମଣ୍ଡଳ, ସର୍ବେଶ୍ୱ ଦାସ ପ୍ରମୁଖଏହି ଗୀତାଯଜ୍ଞ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ୨୦୦୬ ମସିହାରୁ ପ୍ରତିବର୍ଷ ଏହି ଭଳି ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏହି ପୀଠରେ ବିବାହ ବ୍ରତଘର ପ୍ରଭୃତି ଅନୁଷ୍ଠିତ ହୋଇଥାଏ ବୋଲି ଛି ବୋଲି ଆୟୋଜକ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ିଧକ୍କାରେ ୩ ଭାଲୁ ମୃତ

ନୀଳଗିରି - ୫/୨: ବାଲେଶ୍ୱର ଜିଲ୍ଲା ନୀଳଗିରି ବନଖଣ୍ଡ ଅଧିନ ମିତ୍ରପୁର-ଅଯୋଧ ରାସ୍ତାର ପାଟଣା ଠାରେ ରବିବାର ଭୋର କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ୩ଟି ଭାଲୁ ମରିଥିବାର ଜଣାପଡ଼ିଛି। ଏକ ମାଇ ଭାଲୁ ସହିତ ୨ଟି ଭାଲୁ ଛୁଆ ଭୋରରେ ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିବା ଜଣା ପଡ଼ିଛି । ଖବର ପାଇ ନୀଳଗିରି ବନବିଭାଗ ର ରେଞ୍ଜ ଅଧିକାରୀ ଘଟଣା ସ୍ଥଳରେ ପହଂଚି ମୃତ ଭାଲୁଗୁଡ଼ିକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଶବ ବ୍ୟବଚ୍ଛେଦ ପରେ ସଜନାଗଡ଼ ନିକଟସ୍ଥ ନର୍ସରୀରେ ଭାଲୁ ଗୁଡ଼ିକ ପୋତି ଦିଆଯାଇଛି ।

# କୁନୋରେ ପ୍ରସ୍ତୁତ ହେଲା କ୍ୱାରେଣ୍ଟିନ ଖୁଆଡ, ଫେବୃଆରୀ ଶେଷ ସପ୍ତାହରେ ଦକ୍ଷିଣ ଆଫ୍ରିକାରୁ ଆସିବେ ୧୨ ଚିତା !



ନୂଆଦିଲ୍ଲୀ, ୦୫/୦୨ : ଚାରିମାସ ପୂର୍ବରୁ ଚିତା ପ୍ରକଳ୍ପରେ ନାମ୍ବିଆରୁ ଭାରତ ଆସିଥିଲେ ୮ଚିତା । ପୁଣି ଥରେ ଫେବ୍ରୁଆରୀ ମାସ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକାରୁ ଆଉ ୧୨ଟି ଚିତା ଆସିବ । ଏଥିପାଇଁ ଗତ ଜାନୁଆରୀ ୨୬ରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇସାରିଛି । ଏଥିପାଇଁ ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ ପାର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜାତୀୟପାର୍କ ପ୍ରବନ୍ଧନ ସମସ୍ତଙ୍କ ପାଇଁ ସବୁ ପ୍ରସ୍ତୁତିକୁ ଶେଷ କରିଦେଇଛି । ଗତବର୍ଷ ସେପ୍ଟେମ୍ବର ମାସରେ ନାମ୍ବିଆରୁ ୮ ଚିତା ଆସିଥିଲେ । ସେଥିରୁ ୫ଟି ମାଇ ଏବଂ ୩ଟି ଅଣ୍ଡିରା ଚିତା ରହିଥିଲେ । କୁନୋ ନ୍ୟାସନାଲ ପାର୍କ ପୁଣିଥରେ ଦକ୍ଷିଣ ଆଫ୍ରିକାରୁ ଆସୁଥିବା ଏହି ୧୨ ଚିତାଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତ ହୋଇସାରିଛି । ଦକ୍ଷିଣ ଆଫ୍ରିକାର ଚୁକ୍ତି ଫାଇଲ ସେଠାକାର ରାଷ୍ଟ୍ରପତିଙ୍କ ହସ୍ତାକ୍ଷର ଆପେକ୍ଷାରେ ରହିଥିଲା କିନ୍ତୁ ଜାନୁଆରୀ ୨୬ରେ ଚୁକ୍ତି ସ୍ୱାକ୍ଷର ହେବା ପରେ ବର୍ତ୍ତମାନ ରାସ୍ତା ପରିଷ୍କାର ହୋଇଛି । କେବଳ ଚିତାଙ୍କ ଭାରତ ଆସିବା ତାରିଖକୁ ସମସ୍ତେ ଅପେକ୍ଷା କରିଛନ୍ତି । ବିଶେଷ କରି କୁନୋ ଜାତୀୟ ଉଦ୍ୟାନରେ ଚିତାଙ୍କ ପାଇଁ ପ୍ରଚୁର ଖାଦ୍ୟ ଏବଂ ପାନୀୟର ବନ୍ଦୋବସ୍ତ କରାଯାଇଛି । ଚିତାଙ୍କୁ କ୍ୱାରେଣ୍ଟିନରେ ରଖିବା ପାଇଁ ୧୦ଟି ବଡ ଖୁଆଡ ପ୍ରସ୍ତୁତ କରି ରଖାଯାଇଛି । ସମସ୍ତ ୧୨ଟି ଚିତାଙ୍କୁ ପ୍ରଥମେ ଏଠାରେ ହିଁ ରଖାଯିବ । ସବୁଠାରୁ ବଡ କଥା ଯେ ପ୍ରଥମ ଥର ପାଇଁ ୮ଟି ନୂଆ ଖୁଆଡକୁ ପ୍ରସ୍ତୁତ ରଖାଯାଉଛି । ସେହିଭଳି ୪ଟି ପୁରୁଣା ଖୁଆଡର ମରାମତି ମଧ୍ୟ କରାଯାଇଛି । ଚିତାଙ୍କ ପାଇଁ ୫ ବର୍ଗ କିମି କ୍ଷେତ୍ର ଏବଂ ପାଖାପାଖି ୮ ଫୁଟ ଉଚ୍ଚ ଖୁଆଡ ପ୍ରସ୍ତୁତ କରାଯାଉଛି । ତିନି ସ୍ତରର ସୁରକ୍ଷା ବ୍ୟବସ୍ଥାରେ ଚିତା ମାନଙ୍କୁ ରଖାଯାଇଛି । କୁନୋ ଜାତୀୟ ଉଦ୍ୟାନ ୭୫୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ରହିଛି ।

# ବିଆରଏସର ଓଡିଶା ପାଇଁ ବଡ ଯୋଜନା: ବିଜୟ ବନିବେ କି ଦଳର ଟ୍ରମ୍ପକାର୍ଡ ?

ଭୁବନେଶ୍ୱର,୦୫/୦୨: ରାଜ୍ୟର ଅନେକ ନେତା ବିଆରଏସରେ ଯୋଗଦେବା ପରେ, ଏ ହେଉଛି ଓଡିଶାରେ ପ୍ରଥମ ସାମ୍ବାଦିକ ସମ୍ମିଳନୀ । ଆଉ ଶୁଣନ୍ତୁ କଣ କହୁଛନ୍ତି ବିଆରଏସର ଓଡିଶା ନେତା ଅକ୍ଷୟ କୁମାର । ଅନେକ ବରିଷ୍ଠ ନେତା ଦଳର ଯୋଗାଯୋଗରେ ଅଛନ୍ତି , ସେଥିମଧ୍ୟରୁ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି । ଅକ୍ଷୟ କୁମାର କହିଛନ୍ତି ବିଜୟଙ୍କସହ ଅନ୍ୟ ରାଜନୈତିକ ଦଳର ନେତାମାନେ ଦଳର ସମ୍ପର୍କରେ ଅଛନ୍ତି । ତେବେ କିଛିଦିନ ତଳେ ବିଜୟଙ୍କୁ ଏବାବଦରେ ପଚରା ଯାଇଥିବାବେଳେ ଖୁବଶୀଘ୍ର ରାଜନୈତିକ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କହିଥିଲେ । ଖୁବଶୀଘ୍ର କେ.ଚନ୍ଦ୍ରଶେଖର ରାଓ ଓଡିଶା ଆସିବେ । ଏହି ସମୟରେ କିଛି ବଡ ଘୋଷଣା କରିବାକୁ ରଣନୀତି ପ୍ରସ୍ତୁତ କରୁଛି ଦଳ । ଏହାପୂର୍ବରୁ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟରେ ଦଳର ଆଭିମୁଖ୍ୟ ଏବଂ ରଣନୀତି ବିଷୟରେ କହିଛନ୍ତି ଦଳର ନେତା । ଚାଷୀ, ଦଳିତ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ତେଲେଙ୍ଗାନାର ସଫଳ ମଡେଲକୁ ଓଡିଶାରେ ପ୍ରୟୋଗ କରି ଶାସନ କରିବାକୁ ଯୋଜନା କରୁଛି ଦଳ । ଦୀର୍ଘ ଦିନର ଶାସନର ବିକଳ୍ପ ଖୋଜୁଛନ୍ତି ଓଡିଶାବସୀ ଏବଂ ବିରୋଧୀ ନୀରବ ଥିବାରୁ ବିଆରଏସ ଓଡିଶାରେ ସରକାର କରିପାରିବ ବୋଲି ଆଶା ରଖିଛନ୍ତି ଦଳର ନେତା । ତେବେ ଓଡିଶାକୁ ନେଇ କେସିଆରେ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ପୂରଣ ହେବ ନାହିଁ ବୋଲି କହିଛନ୍ତି ବିଜେଡି, କଂଗ୍ରେସ୍ । ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟର ୧୪୭ଟି ବିଧାନସଭା ଏବଂ ୨୧ ଲୋକସଭା ଆସନରେ ପ୍ରାର୍ଥୀ ଦେବ ବିଆରଏସ । ମାସେ ମଧ୍ୟରେ ଦକ୍ଷ ଲୋକଙ୍କୁ ନିର୍ବାଚନ ଦାୟିତ୍ୱ ଦିଆଯାଇ ଗାଁରୁ ଗାଁକୁ ଯାଇ ପ୍ରଚାର କରିବ ଦଳ । ପୂର୍ବରୁ ତେଲୁଗୁଦେଶମ ପାର୍ଟି ଦକ୍ଷିଣ ଓଡିଶାରେ ନିଜର ପତିଆରା ସୃଷ୍ଟି ପାଇଁ ଉଦ୍ୟମ କରିଥିଲା । ଏବେ କେସିଆରଙ୍କ ରଣନୀତି କେତେ କାମ ଦେବ ସେ ନେଇ ଅଙ୍କକଷା ଆରମ୍ଭ କରିଛନ୍ତି ରାଜନୈତିକ ସମୀକ୍ଷକ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ପେଣ୍ଡରାସାହିରେ ମାଘପୂର୍ଣ୍ଣିମା ଅବସରରେ ରଥଟଣା

ଜଳେଶ୍ୱର,୦୫/୦୨(ନିପ୍ର): ଶ୍ରୀରାମ ପୁର ପଂଚାୟତ ର ପେଣ୍ଡରା ସାହି ଗ୍ରାମରେ ମାଘିରଥରେ ରାଧାକୃଷ୍ଣ ପ୍ରତିମୂର୍ତ୍ତି ବସାଇ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା, କୁନି କୁନି ପିଲାଙ୍କୁ ନେଇ ୧୧ଯୋଡ଼ା ରାଧାକୃଷ୍ଣ ହୋଇ ଥିଲା, ଏହି ଉପଲକ୍ଷେ ଉଦଘାଟନୀ କାର୍ଯ୍ୟକ୍ରମ ହୋଇ ଥିଲା, ଉଦଘାଟକ ଭାବେ ଅବସର ପ୍ରାପ୍ତ ଏବିଇଓ କପିଳେଶ୍ୱର ମହାନ୍ତି, ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଏବିଇଓ ରଜତ କୁମାର ଦାସ, ମୁଖ୍ୟବକ୍ତା ଅବସର ପ୍ରଧାନ ଶିକ୍ଷକ ବୃନ୍ଦାବନ ବେହେରା, ସମ୍ମାନିତ ଅତିଥି ଭାବେ ସି ଆର ସି ସି ଗୌରୀଶଙ୍କର ପରିଡା, ସମାଜସେବୀ ଜୟନ୍ତ ଦାସଅଧିକାରୀ, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ ଯୋଗ ଦେଇଥିଲେ, ରଥ ଆଗରେ ଏବି ଇ ଓ ଗୌରାଙ୍ଗ ଚରଣ ଦାସ ଛେରା ପହରା କରି ଥିଲେ, ପ୍ରାରମ୍ଭ ରେ ଅବସର ପ୍ରଧାନ ଶିକ୍ଷକ ବ୍ରଜକାନ୍ତ ଦାସ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ, ଉକ୍ତ ରଥ ଟଣା କାର୍ଯ୍ୟକ୍ରମ କ୍ରମକୁ ଗ୍ରାମବାସୀ ମାନେ ସହଯୋଗ କରି ମାଘିରଥ ଉତ୍ସବ କୁ ଆଗେଇ ନେଇଥିଲେ, ଶ୍ରୀ ଶ୍ରୀ ରାଧାକୃଷ୍ଣ ଯୁଗଳ ଜିଉଙ୍କ ପହଣ୍ଡି ବିଜେ ପରେ ରଥ ଟଣା ଅନୁଷ୍ଠିତ ହୋଇଥିଲା, ଉକ୍ତ ମାଘିରଥ ଆଜକୁ ୫୨ବର୍ଷ ଧରି ଗ୍ରାମରେ ଅନୁଷ୍ଠିତ ହୋଇ ଆସୁଛି, ଶେଷରେ ଅବସର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ, ଗ୍ରାମର ମୁଖ୍ୟ ଅଲେଖ ଚନ୍ଦ୍ର ଘୋଷ, ନବକୁମାର ସାମଲ, କୁଶ ସାମଲ, ଆଶିଷ କୁମାର ଘୋଷ, ଶିକ୍ଷକ ଅମରେନ୍ଦ୍ର ସାମଲ ପ୍ରମୁଖ ସଭାମଞ୍ଚ ରେ ଉପସ୍ଥିତ ଥିଲେ ।



# ଏଲଆଇସି କର୍ମଚାରୀ-ଏଜେଣ୍ଟଙ୍କ ପକ୍ଷରୁ ନାଟକ 'ପରିବର୍ତ୍ତନ'ମଞ୍ଚସ୍ଥ



ବାଲେଶ୍ୱର,୫।୨(ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖା ପରିସରରେ ନାଟକ 'ପରିବର୍ତ୍ତନ' ମଞ୍ଚସ୍ଥ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜୀବନ ବୀମା ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନାଟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଶାଖାର ବରିଷ୍ଠ ପ୍ରବନ୍ଧକ ସବ୍ୟସାଚୀ ସାହୁ ନାଟକର ପଟ୍ଟଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ନାଟ୍ୟକାର ପୀତାମ୍ବର ଦାସ ଏହି ନାଟକର ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବନ ବୀମା ଶାଖାର କର୍ମଚାରୀ ଓ ଏଜେଣ୍ଟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ପ୍ରତ୍ୟେକ ପଲିସିଧାରୀ ତଥା ସାଧାରଣ ବର୍ଗଙ୍କୁ ସ୍ୱଚ୍ଛଳତା ଅଭିମୁଖେ ଅଗ୍ରସର ପାଇଁ ପବିତ୍ର ମନୋବୃତି ସହ ଅର୍ଥର ଆବଶ୍ୟକତା ମଧ ରହିଛି । ସାଧୁତା ଭିତ୍ତିରେ ଅର୍ଥ ବିନିଯୋଗ କରି ତଥା ଏଲଆଇସି ପଲିସି ବେନିଫିଟ୍ ପାଇ ରାସ୍ତାକଡ଼ର ଚାହା ବିକାଳୀ କିପରି ଏକ ବିରାଟ ହୋଟେଲ ମାଲିକ ହୋଇ ପାରିଛି, ତାହା ଏହି ନାଟକରେ ପ୍ରତିଫଳିତ ହୋଇଥିଲା । ନାଟ୍ୟକାର ପୀତାମ୍ବର ଦାସ ଏହି ନାଟକ ରଚନା କରିଥିବା ବେଳେ ଗୌତମ ଦାସ ନିର୍ଦ୍ଦେଶନା ଦେଇଥଲେ। ଅନନ୍ତ ଚାନ୍ଦ ଏଥିରେ ସହଯୋଗ କରିଥିଲେ । ଗିରିଜା ଶଙ୍କର, ଗୌତମ ଦାସ, ଅଜୟ ଚୌଧୁରୀ, ସୁଜିତ ମହାପାତ୍ର, ଦାଶରଥୀ ଲେଙ୍କା, ମାନସ ମିଶ୍ର, ସସ୍ମିତା ବେହେରା, ଅନୁରାଧା ଦାସ ଅଧିକାରୀ, ଦିଲ୍ଲୀପ ଦାସ, ନିର୍ଲିପ୍ତା ମିଶ୍ର, ଯଶୋବନ୍ତ ମହାନ୍ତି, ବାଇଧର ସିଂ, ଦେବକୀ ନନ୍ଦନ, ନିଖିଲ ବେହେରା, ଦୁଷ୍ମନ୍ତ ମୁଖି, ଦିଲ୍ଲୀପ ମଣ୍ଡଳ, ମନୋଜ ନାୟକ, ରତିକାନ୍ତ ପ୍ରମୁଖ ଏହି ନାଟକରେ ଅଭିନୟ କରିଥିଲେ । ନାଟକର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ସତ୍ୟରଞ୍ଜନ ମହାନ୍ତି । ଗୀତରେ କଣ୍ଠଦାନ କରିଥିଲେ ଅଜିତ କୁମାର ଦେ, ସତ୍ୟରଞ୍ଜନ ମହାନ୍ତି, ଅନୁରାଧା, ଅଭିପ୍ସା, ସୂର୍ଯ୍ୟମଣି ଓ ହରପ୍ରିୟା । ନାଟକ ପରିଚାଳନାରେ ବସନ୍ତ ମହାନ୍ତି, ରବୀନ୍ଦ୍ର ମହାନ୍ତି, ଅରୁଣ ଦାସ, ଭାଗିରଥୀ ଦାସ, ବସନ୍ତ ହୋତା, ଅଞ୍ଜନ ସାହୁ, ରାଜକୃଷ୍ଣ ସିଂ, ବାଇଧର ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷ ପର୍ଯ୍ୟନ୍ତ ଦର୍ଶକମାନେ ନାଟକକୁ ବେଶ ଉପଭୋଗ କରିଥିଲେ।

## ଉଦଳା ମହୋତ୍ସବ 'ଧୁମୁସା-୨୦୨୩' ଉଦ୍‌ଘାଟିତ

# ଦେବକୁଣ୍ଡ ପାଇବ ପର୍ଯ୍ୟଟନସ୍ଥଳୀର ମାନ୍ୟତା : ଦେବାଶିଷ ମହାନ୍ତି

ଉଦଳା ତା.୦୫/୦୨(ନି.ପ୍ର)- କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ 'ଧୁମୁସା-୨୦୨୩' ଆଜି ଫେବୃଆରୀ ୫ ତାରିଖ ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ମହୋତ୍ସବ ମଂଚକୁ ଅତିଥିମାନେ ଆସିବା ପୂର୍ବରୁ ଏକ ଶୋଭାଯାତ୍ରା ଉଦଳା ସହର ପରିକ୍ରମା କରିଥିଲା । ଏଥିରେ ସମଗ୍ର ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଆସିଥିବା ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରିଥିଲେ । ମାଦଳ, ଧୁମୁସାର ତାଳେ ତାଳେ ନୃତ୍ୟ ଖୁବ ଆନନ୍ଦଦାୟକ ହୋଇ ଉଠିଥିଲା । ଏହାପରେ ମହୋତ୍ସବ କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ଓଡ଼ିଶା ସରକାରଙ୍କର କୃଷି ଓ ଶିଳ୍ପ ନିଗମର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ୍ଦାନ ଦେଇ କପ୍ତିପଦା ଉପକଣ୍ଠର ମାଟିକୁ ଭୂୟସୀ ପ୍ରଶଂସା କରିବା ସହିତ, ଦେବକୁଣ୍ଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମହୋତ୍ସବ ଠାରୁ କପ୍ତିପଦା ଉପଖଣ୍ଡର ପ୍ରଶାସନ ନିଜକୁ ଦୂରେଇ ନେଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କପ୍ତିପଦା ଉପଖଣ୍ଡର ବିଗତ ଇତିହାସ ଯାହାକି ଆଜି ଶାସ୍ତ୍ର, ପୁରାଣରେ ଦେଖିବାକୁ ମିଳେ ବୋଲି କହିବା ସହିତ ସ୍ୱାଧୀନତା ଆନ୍ଦୋଳନରେ କପ୍ତିପଦା ମାଟିର ଭୂମିକା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଉଦଳା ମହୋତ୍ସବ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟ' ଏହାର ରୂପରେଖର ଝଲକ ବ୍ୟକ୍ତ କରିଥିଲେ । ଏହାପରେ ସମିର କୁମାର ଜେନା, କିସନ କୁମାର ସାହୁ ଓ ଅଧାପକ ଦିଲ୍ଲିପ ପରମାଣିକଙ୍କୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଆମେ ଭକଳାକାରର ସଭାପତି ତଥା ଉଦଳା ମହୋତ୍ସବର ସଂଯୋଜକ ପ୍ରସନ୍ନ କୁମାର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଭାତ କୁମାର ପରିଡ଼ା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।



# ବ୍ରାଇଟ ଫ୍ୟୁଚର ଷ୍ଟଡି ସେଣ୍ଟରର ବାର୍ଷିକ ଉତ୍ସବ




ସୋର,୦୫/୦୨ (ନିପ୍ର): ସୋର ବ୍ଲକ ଅନ୍ତର୍ଗତ ବାଗୁଡ଼ି ସ୍ଥିତ ବ୍ରାଇଟ ଫ୍ୟୁଚର ଷ୍ଟଡି ସେଣ୍ଟର ପ୍ରାଙ୍ଗଣରେ ମାନବ ଉତ୍ଥାନ ସେବା ସଂସ୍ଥାନର ଦଶମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଉକ୍ତ ସଂସ୍ଥାନର ସଭାପତି ତଥା ସମାଜ ସେବୀ ଜୟନ୍ତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂକୃତିକ ସଭାରେ ମୁଖ୍ୟ ଅତିଥି ଭାବରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀ ର ସମ୍ପାଦକ କବି କାଳିପଦ ପଣ୍ଡା ଯୋଗ ଦେଇ ଆଜିକାଲି ସମାଜରେ ଯୁବ ପିଢ଼ି ଶିକ୍ଷା ଲାଭ ପରେ କେବଳ ଚାକିରୀ ପଛରେ ନିଜର ଲକ୍ଷ୍ୟ ରଖି ସମାଜର ହିତ ସାଧନରୁ ନିବୃତ ରହି ଉଚ୍ଚ ଶିକ୍ଷିତ ହେବାପରେ ବି ସଂସ୍କାର ବିହୀନ ଶିକ୍ଷା ରେ ପ୍ରଭାବିତ ହୋଇ ଅନେକ ଅନୈତିକ କାର୍ଯ୍ୟ ରେ ଲିପ୍ତ ରହି ସମାଜ କୁ କଳୁଷିତ କରିବାରେ ପଶ୍ଚାତାପ କରୁନାହାନ୍ତି । ମୁଖ୍ୟ ବକ୍ତା ଭାବରେ ଧ୍ୱନି - ପ୍ରତିଧ୍ୱନିର ସଂସ୍ଥାପକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା ବର୍ତ୍ତମାନ ସମୟ ରେ ସମାଜରେ ସମାଜ ସେବା ସମାଜ ସଂସ୍କାରକ ଭାବରେ ନିଷ୍ଠା ଓ ନିସ୍ୱାର୍ଥପରତା ରେ କାର୍ଯ୍ୟ କରିବା ବଡ଼ କଷ୍ଟକର ବ୍ୟାପାର ବୋଲି ନିଜ ବକ୍ତବ୍ୟରେ କହିଥିଲେ ସମ୍ମାନିତ ଅତିଥି ଭାବରେ ମାନବ ଅଧିକାର ପରିଷଦ କଟକ ଜୋନର ସଭା ନେତ୍ରୀ ଲିପିକା ରାୟ ଆଜିକାଲି ସମାଜରେ ଘଟୁଥିବା କାହାଣୀ ପାଇଁ ଆମେ ସମସ୍ତେ କିଛି କିଛି ମାତ୍ରାରେ ଦାୟୀ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଆଶା ଅନୁଷ୍ଠାନ ତଥା ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମାଜ ସେବୀ ଅମର କୁମାର ପାଳ, ଓ ବିଜ୍ଞାନ ଶିକ୍ଷକ ଡ଼କ୍ଟର ପିତାମ୍ବର ଖିଲାର ସର୍ବୋପରି ସମସ୍ତେ ସମାଜ ର ହିତ ସାଧନ ନିମନ୍ତେ କିଛି ନା କିଛି କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ । ସାଂସ୍କୃତିକ ମଞ୍ଚ ରେ ସମାଜ ସେବୀ ଅମର କୁମାର ପାଳ ଓ ଗଣେଶ୍ୱର ରାଉତ ଓ ଆଦର୍ଶ ଶିକ୍ଷକ ସମ୍ମାନ ଡକ୍ଟର. ପିତାମ୍ବର ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଠ ଗୋଟି ପଞ୍ଚାୟତ ଏକୋଇଶି ଟି ସ୍କୁଲ ର ପିଲା ମାନଙ୍କୁ ନେଇ କରାଯାଇଥିବା ବୈଷ୍ଣବ ମଲ୍ଲୀକା ମେଧା ଅନ୍ୱେଷଣ ପରୀକ୍ଷା ରେ ସଫଳତାର ସହିତ ଉତୀର୍ଣ୍ଣ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଆଦ୍ୟଶା ଦୀକ୍ଷିତ ଓ ଅନ୍ୟ ଦୁଇଜଣ ସଫଳତା ପାଇଥିବା ପିଲାଙ୍କୁ ୧୫୦୦ ଟଙ୍କାର ପୁରସ୍କାର ରାଶି ଦିଆ ଯାଇଥିଲା । ବ୍ରାଇଟ ଫ୍ୟୁଚର ଷ୍ଟଡି ସେଣ୍ଟର ତରଫରୁ କରା ଯାଇଥିବା ବିଜ୍ଞାନ ପ୍ରଦର୍ଶନି ଓ ଅନ୍ୟାନ ପ୍ରତିଯୋଗିତାରେ ସଫଳ ହୋଇଥିବା ବିଦ୍ୟାର୍ଥୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଶେଷ ରେ ସମାଜ ସେବୀ ସନତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୁନି କୁନି ପିଲା ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମ କୁ ଜିତେନ୍ଦ୍ର ନାୟକ, ରଶ୍ମିତା ବିଶ୍ୱାଳ, ବର୍ଷାରାଣୀ ବେହେରା, ସଂଜୟ ଦାସ, ସସ୍ମିତା ପ୍ରଧାନ ଓ ତପସ୍ୱିନୀ ପାତ୍ର ଆଦି ପରିଚାଳନା କରିଥିଲେ ।

# ସଶକ୍ତ ବିଜ୍ଞାନ ସଶକ୍ତ ଦେଶ




ଭୁବନେଶ୍ୱର,୦୫/୦୨(ନିପ୍ର): ଓଡିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ଶିବିରରେ ଭୁବନେଶ୍ୱର ଆଇ ଆଇ ଟିର ଡାଇରେକ୍ଟର ପ୍ରଫେସର ଶ୍ରୀପ୍ରସାଦ କର୍ମାଲକର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସଶକ୍ତ ବିଜ୍ଞାନ ହିଁ ସଶକ୍ତ ଦେଶ ଗଠନର ଚାବିକାଠି ବୋଲି ପ୍ରକାଶ କରିଛନ୍ତି । ଖୋରଧା, ଟାଙ୍ଗିଆପଡା ସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟ ଅଫ୍ ଆଡଭାନ୍ସଡ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ପରିସରରେ ଅନୁଷ୍ଠିତ ଶିବିରର ସମାରୋପ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରୀ କର୍ମାଲକର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କୁ ବିଜ୍ଞାନ ଶିକ୍ଷା ଓ ଇଞ୍ଜିନିୟରିଂ ଶିକ୍ଷା କେମିତି ପ୍ରତ୍ୟେକ ଦେଶକୁ ଉତ୍କର୍ଷର ପହଞ୍ଚାଇ ପାରେ ସେ ବିଷୟରେ ଆଲୋକପାତ କରିଥିଲେ। ଏକ ଦିବସୀୟ ବ୍ୟାପୀ ଚାଲିଥିବା ଉକ୍ତ କାର୍ଯ୍ୟକ୍ରମରେ ଏକଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଜ୍ଞାନର ବିଭିନ୍ନ ବିଭାଗରେ ଲିଖିତ ପରୀକ୍ଷା ସହିତ ମୌଖିକ ପରୀକ୍ଷା ଏବଂ ଫିଜିକ୍ସ, କେମେଷ୍ଟ୍ରି, ବାୟୋଲୋଜି ଓ ଗଣିତ ବିଷୟରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏକ ବାରଜଣିଆ ପରୀକ୍ଷକ ମଣ୍ଡଳୀ ପିଲାମାନଙ୍କର ସମସ୍ତ ପରୀକ୍ଷାର ମୂଲ୍ୟାଙ୍କନ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ନାମ ଘୋଷଣା କରିଥିଲେ। ଶ୍ରୀ ସୌଭାଗ୍ୟ ସ୍ୱାଇଁ, ଶ୍ରୀ ଲିଙ୍ଗରାଜ ପ୍ରଧାନ, କିଶୋର ପାତ୍ର ପ୍ରମୁଖ ପରୀକ୍ଷା ସମ୍ପନ୍ନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଗୋପାଳକୃଷ୍ଣ ଚୌଧୁରୀ ବିଜ୍ଞାନ ଭାରତୀ ତରଫରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରିଥିଲେ। ବିପିୟୁଟିର ପୂର୍ବତନ ଭିସି ତଥା ଓଡିଶା ବିଜ୍ଞାନ ମଣ୍ଡଳର ସଭାପତି ଡଃ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ସମାରୋପ ଅଧିବେଶନରେ ସମ୍ମାନିତ ଅତିଥି ଭାବରେ ନାଇଜରର ରେଜିଷ୍ଟ୍ରାର ଡଃ ଅଭୟ ନାୟକ ଯୋଗଦାନ କରିଥିଲେ। ବିଜ୍ଞାନ ମଣ୍ଡଳର ରାଜ୍ୟ ସଂପାଦକ ଡଃ ବିକାଶ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସଂଗଠନ ସଂପାଦକ ଇଂ ଅରୁଣ କୁମାର ସାହୁ ଓଡିଶା ବିଜ୍ଞାନ ମଣ୍ଡଳର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟ ସଂଯୋଜକ ଡଃ ଦିବ୍ୟ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଡଃ କର୍ମାଲକର, ଡଃ ଅଭୟ ନାୟକ, ଡଃ ଧୀରେନ୍ଦ୍ର ନନ୍ଦ ଏବଂ ଡଃ ଗୋପାଳକୃଷ୍ଣ ଚୌଧୁରୀଙ୍କୁ ଓଡିଶା ବିଜ୍ଞାନ ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିବେକାନନ୍ଦ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ତଥା ସ୍ୱାଗତ ସମିତିର ଅଧକ୍ଷ ଡଃ ଧୀରେନ୍ଦ୍ର ନନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ମଣ୍ଡଳର ରାଜ୍ୟ କୋଷାଧକ୍ଷ ଶ୍ରୀ ସଂଜୟ ପଟ୍ଟନାୟକ ତଥା ଡଃ ସ୍ମୃତି ତ୍ରିପାଠୀ ପରିଚାଳନା ବ୍ୟବସ୍ଥାର ସଞ୍ଚାଳନ କରିଥିଲେ।

# ଭଦ୍ରକରୁ ପୁରୀ ମେମୁ ଟ୍ରେନ ପୁନଃ ପ୍ରଚଳନ ପାଇଁ ଦାବି

## ରେଳବାଇ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ପାଇଁ ଭଦ୍ରକ ଜନସାଧାରଣଙ୍କ ମଧ୍ୟରେ ନୈରାଶ୍ୟ



ଭଦ୍ରକ,୫।୨(ନି.ପ୍ର): ଭଦ୍ରକ ଜିଲ୍ଲାରେ ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ମାନଙ୍କ ସଂଖ୍ୟା ସର୍ବାଧିକ ଓ ଆର୍ଥିକ ମାନଦଣ୍ଡ ନିମ୍ନରେ ଅଧିକ ଲୋକ ବାସ କରନ୍ତି । ୧୯୭୭ ମସିହାରୁ ଭଦ୍ରକରୁ ଖୋର୍ଦ୍ଧା ଓ ପରବର୍ତ୍ତୀ ସମୟରେ ଭଦ୍ରକରୁ ଭୁବନେଶ୍ୱର ଡିଏମ୍‌ୟୁ ଚଳାଚଳ କରୁଥିଲେ ମଧ କୌଣସି କାରଣ ନ ଦର୍ଶାଇ ରେଳବାଇ କର୍ତ୍ତୃପକ୍ଷ କରୋନା ସମୟରେ ସେହି ଟ୍ରେନକୁ ବାଲେଶ୍ୱରରୁ ଭୁବନେଶ୍ୱରକୁ ଚଳାଚଳ କରିଛନ୍ତି । ଯାହା ଫଳରେ ସାଧାରଣ ଗରିବ ଖଟିଖିଆ, ଛାତ୍ରଛାତ୍ରୀ, ଅଫିସ କର୍ମଚାରୀ, ବୟସ୍କ ଲୋକ, ରୋଗୀ, ମହିଳା ଟ୍ରେନରେ ବସିବାକୁ ସିଟ୍ ନ ପାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ତରଫରୁ ଆନ୍ଦୋଳନ ଓ ରେଳରୋକୋ ୭ ଜୁନ ୨୦୨୨ ମସିହା ଠାରୁ ଆରମ୍ଭ ହୋଇଥିଲା । ସମାଜସେବୀ ଅମର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶିଶିର ମିଶ୍ର, କୈଳାସ ମହାପାତ୍ର ଓ ବିଶ୍ୱନାଥ ଅଗ୍ରୱାଲ ଡିଭିଜନ ଅଫିସରେ ଆଲୋଚନା କରିଥିଲେ। ଅଧିକ ୪ଟି ବଗି ସଂଯୁକ୍ତ କରିବାକୁ ନିଷ୍ପତି ହେଲା ଓ ଭଦ୍ରକରୁ ପୁରୀ ମେମୁ ଟ୍ରେନ ଚାଲିବାକୁ ପ୍ରସ୍ତାବ ଦିଆଗଲା । ଭଦ୍ରକର ଜନସାଧାରଣଙ୍କ ତରଫରୁ ପ୍ରତିମାସ ମଧ ଟ୍ରେନ ରୋକୋ ଲାଗୁ ରହିଥିଲା । ଯାହା ଫଳରେ ଭଦ୍ରକରୁ ପୁରୀ ମେମୁ ଟ୍ରେନ ଚାଲିବାକୁ ରେଳବାଇ ବିଜ୍ଞପ୍ତି ପ୍ରକାଶ ପାଇଲା । ମାତ୍ର ଅତିବ ଦୁଃଖ ଓ ପରିତାପର ବିଷୟ କୌଣସି କାରଣ ନଥାଇ ସେହି ଟ୍ରେନଟି ଜଳେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଚାଲିଲା ମାତ୍ର ୮ଟି ବଗିକୁ ନେଇ । ମାତ୍ର ଅତ୍ୟନ୍ତ ଦୁଃଖର ବିଷୟ ଏହିକି ଟ୍ରେନରେ ଛିଡ଼ା ହେବାକୁ ଭଦ୍ରକ ଲୋକଙ୍କ ପାଇଁ ସ୍ଥାନ ନାହିଁ । ଯାହା ଫଳରେ ଯେଉଁ ତିମିରେକୁ ସେହି ତିମିରେ। ତେଣୁ ଭଦ୍ରକ ଜନସାଧାରଣ ଓ ଭଦ୍ରକ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତାମାନେ ପୁନଶ୍ଚ ରେଳବାଇ ମ୍ୟାନେଜର, ଭଦ୍ରକଙ୍କୁ ଗତ ତା୪।୨।୨୦୨୩ରିଖରେ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ତତ୍‌ସଙ୍ଗେ ସଙ୍ଗେ ମାନ୍ୟବର ବିଧାୟକ ଧାମନଗର ସୂର୍ଯ୍ୟବଂଶୀ ସୂରଜଙ୍କୁ ତାଙ୍କ ବାସଭବନରେ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଭଦ୍ରକରୁ ପୁରୀ ଏକ ମେମୁ ଟ୍ରେନ ପ୍ରଚଳନ କରିବାକୁ ଅନୁରୋଧ କରାଯାଇଛି । ତତ୍ ସଙ୍ଗେସଙ୍ଗେ ବାଲେଶ୍ୱର ଭୁବନେଶ୍ୱର ମେମୁ ଟ୍ରେନ ଓ ଜଳେଶ୍ୱର ପୁରୀ ମେମୁ ଟ୍ରେନରେ ଅଧିକ ୫ଟି ଲେଖାଏଁ ବଗି ସଂଯୁକ୍ତ କରାଗଲେ ଜନସାଧାରଣ ବସିବାକୁ ସ୍ଥାନ ପାଇ ପାରିବେ । ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ପୂର୍ବତନ ଶିକ୍ଷାଧିକାରୀ ଗୟାଧର ପଣ୍ଡା, ରୋଟାରିୟାନ ଶିଶିର ମିଶ୍ର, ଦେବୀକିଙ୍କର ପାଣିଗ୍ରାହୀ, ରମେଶ ଯେନା, ରମେଶ ଦାସ, ଯତିନ୍ଦ୍ର ଦାସ, ଭବାନୀଶଙ୍କର ନାୟକ, ନାରାୟଣ ପାଢୀ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବୀପତ୍ର ପ୍ରଦାନ କରିଛନ୍ତି ଓ ଏକ ମେମୁ ଟ୍ରେନ ଯଥାଶୀଘ୍ର ଭଦ୍ରକରୁ ପୁରୀ ଯଦି ଖୁବ୍ ଶୀଘ୍ର ଚଳାଚଳ ନ ହୁଏ ତେବେ ଜନସାଧାରଣଙ୍କର ଅଶାନ୍ତିର ବିସ୍ଫୋରଣ ଘଟିପାରେ । ମାନ୍ୟବର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଡିଭିଜନାଲ ରେଲୱେ ମ୍ୟାନେଜର ଖୋର୍ଦ୍ଧାଙ୍କୁ ଡାକ ଓ ମେଲ ଯୋଗେ ଆଜି ଏହି ସମସ୍ୟାର ଆଶୁ ସମାଧାନ ପାଇଁ ନିବେଦନ କରାଯାଇଛି ।

# ଜୀ-ସାର୍ଥକର 'ଝିଲି' ମେଗା ଧାରାବାହିକ ଏବେ ଦର୍ଶକଙ୍କ ପ୍ରଥମ ପସନ୍ଦ



ଭୁବନେଶ୍ୱର,୦୫/୦୨(ନିପ୍ର): ବର୍ତ୍ତମାନ ଜୀ-ସାର୍ଥକରେ ସନ୍ଧ୍ୟା ୭ଟା ରେ ଚାଲିଥିବା ମେଗା ଧାରାବାହିକ 'ଝିଲି' ଲୋକପ୍ରିୟତା ଶୀର୍ଷରେ। ଏହି ଧାରାବାହିକରେ ଝିଲି ଓ ସିଦ୍ଧ ଯୋଡ଼ି ଦର୍ଶକମାନଙ୍କ ଦ୍ୱାରା ଖୁବ୍ ପ୍ରଶଂସିତ ହେବା ସହ ଏହାର କାହାଣୀ ଦର୍ଶକଙ୍କୁ ବାନ୍ଧି ରଖିଛି। ଏବେ କାହାଣୀରେ ଗୋଟେ ଭିନ୍ନ ମୋଡ଼ ଆସିଛି। କାହାଣୀର ଗତିଶୀଳତା ସହ ମିଠା ମହଲ ଏବେ ନାନା ସମସ୍ୟା ଭିତରେ ଗତି କରୁଛି। ସମରେଶ ଓ ସନ୍ଦୀପ ପୁରା ବିଜିନେସକୁ ଦୁଇ ଭାଗରେ ବାଣ୍ଟି ନେବାକୁ ଠିକ୍ କରୁଥିବା ବେଳେ ଝିଲି ଚାହୁଁନାହିଁ ଯେ କେଜେ ଏକଥା ଜାଣନ୍ତୁ। ସିଦ୍ଧୁ, ଝିଲିର କଥା ବୁଝିଲେ ବି କିଛି କରି ପାରୁନି। ସମରେଶ ନିଜର ସ୍ୱତନ୍ତ୍ର ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଥିବା ବେଳେ ନିବେଶକ ମାନେ ଶେଷ ମୁହୂର୍ତ୍ତରେ ଓହରି ଯାଉଛନ୍ତି ଓ ସମରେଶଙ୍କୁ କ୍ଷତି ସହିବାକୁ ପଡ଼ିଛି। ଏପରି ଏକ ମାନସିକ ଚାପ ଭିତରେ ସେ ଏକ ମୃଦୁ ହୃଦଘାତର ଶୀକାର ହେଉଛନ୍ତି। ସିଦ୍ଧର କନଷ୍ଟ୍ରକସନ୍ କମ୍ପାନୀ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହେଉଛି ଯାହା ଫଳରେ ସିଦ୍ଧୁ ଓ ତା ବାପାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରୁଛି। ଏସବୁ ଦେଖି ଝିଲି ଆହୁରି ଚିନ୍ତାରେ ପଡୁଛି। ସବୁ ପରିବାରରେରେ ସମସ୍ୟା ରହିଥାଏ । ହେଲେ ଝିଲି ପରିବାରରେରେ ବ୍ୟବସାୟକୁ ନେଇ ଯେଉଁ ସମସ୍ୟା ଉପୁଜୁଛି, ସେ କେମିତି କରିବା ଏହାର ସାମ୍ନା ସେ କ'ଣ ତାର ପ୍ରେମ,ନିଷ୍ଠା ଓ ବିଶ୍ୱାସ ବଳରେ ବାନ୍ଧି ରଖି ପାରିବ ତା'ର ପରିବାରକୁ । ଏହା ଦେଖିବାପାଇଁ ପ୍ରତିଦିନ ସନ୍ଧ୍ୟା ୭ଟା ରେ ଏହି ମେଗା ଧାରାବାହିକ ସହ ଯୋଡିହୋଇ ରହିଥାନ୍ତୁ । ଏପରି ଅନେକ କିଛି ଖଟା ମିଠା ଘଟଣା ଓ ମଧୁର ସମ୍ପର୍କକୁ ନେଇ ଏହି ଧାରାବାହିକର କାହାଣୀ ଆଗକୁ ଗତିଶୀଳ ହେଉଛି। ଝିଲି ଭୂମିକାରେ ନିକିତା ଓ ସିଦ୍ଧାର୍ଥ ଭୂମିକାରେ ଅମର ଅଭିନୟ କରୁଥିବା ବେଳେ ଅନ୍ତର୍ଯ୍ୟାମି, ସନ୍ଦିପ୍, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରତିଭା, ରତନ ମେହେର, ରାମେଶ୍ୱରୀ, ଶୁଭଲକ୍ଷ୍ମୀ ପ୍ରମୁଖ ଅଭିନୟ କରୁଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo